ମୂଲ୍ୟ: ₹୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍ଗନ

ଅଗଷ୍ଟ ୧୨–୨୫,୨୦୨୧


୨ ବହି ବିଶେଷ : ଡ. ମୃଣାଳ ଚାଟାର୍ଜୀ

୪ ସ୍ମରଣୀୟ : ନନ୍ଦିନୀ ଶତପଥୀ

୩ ଅତୀତର ବହି : ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ

୬ ଗଳ୍ପ : ଧୀରୁବହନ ପଟେଲ













## ଗ୍ରୀନ୍ ହ୍ୟୁମର୍ ଫର୍ ଏ ଗ୍ରେଇଙ୍ଗ୍ ପ୍ଲାନେଟ୍

(ପରିବେଶ ସଙ୍କଟର ମୁକାବିଲାରେ ହସ)

**ଲେଖକ:** ରୋହନ ଚକ୍ରବର୍ତ୍ତୀ

**ପ୍ରକାଶକ:** ପେଙ୍ଗୁଇନ୍

**ଡ. ମୃଣାଳ ଚାଟାର୍ଜୀ**

ହସକୁ ଅନେକେ ହାଲୁକା ଭାବରେ ନିଅନ୍ତି। ହସ ସଂକଟର ମୁକାବିଲା କରିପାରେ- ଏ କଥା ଅନେକେ ହୁଏତ ବିଶ୍ୱାସ କରି ନ ପାରନ୍ତି। କିନ୍ତୁ ଭାବି ଦେଖିଲେ ବୁଝିପାରିବେ ଯେ କୌଣସି ସଂକଟର ମୁକାବିଲାରେ ହସର ଏକ ପ୍ରମୁଖ ଭୂମିକା ରହିଛି। ହସର ପ୍ରକାରଭେଦ ରହିଛି। ହସ ଆନନ୍ଦ ଏବଂ ଖୁସି ପାଇଁ ହୋଇପାରେ, ହସରେ ରସିକତା ଥାଇପାରେ, ବ୍ୟଙ୍ଗ ଥାଇପାରେ। ହସରେ ଗୋଟେ ସଂକଟର ସାନ୍ଦ୍ରତାକୁ କମେଇ ଦେବାର ଏବଂ ତାକୁ ମୁକାବିଲା କରିବାର ଶକ୍ତି ବଢ଼େଇବାର ଏକ ଅଦ୍ଭୁତଶକ୍ତି ଅଛି।

ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଏକ ବିଷମ ସମସ୍ୟା ଭାବରେ ଉଭା ହୋଇଛି। କରୋନା ଏବଂ ତା' ପୂର୍ବରୁ ହୋଇଥିବା ବେଶ୍ କିଛି ଏହି ଧରଣର ଭାଇରସ୍-ବାହିତ ମହାମାରୀ (ଯେମିତି ବାର୍ଡ-ଫ୍ଲୁ, ଏଡ୍ସ ଇତ୍ୟାଦି) ପାଇଁ ଅନେକେ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରନ୍ତି। ଜଳବାୟୁ ପରିବର୍ତ୍ତନ ପୃଥିବୀରେ ରହୁଥିବା ପ୍ରାଣୀ, ପଶୁ, ପକ୍ଷୀମାନଙ୍କର ଜୀବନ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ବହୁ ଜାତିର ପଶୁପକ୍ଷୀ, କୀଟପତଙ୍ଗ ପୃଥିବୀରୁ ଲୋପ ପାଇଗଲେଣି। ବିଶ୍ୱରେ ତାପମାତ୍ରା ବଢ଼ୁଛି। ମେରୁ ଅଞ୍ଚଳରେ ବରଫ ତରଳିଯାଉଛି, ଫଳରେ ସମୁଦ୍ରର ଜଳପତ୍ତନ ବଢ଼ୁଛି ଏବଂ ତା'ର ସିଧାସଳଖ ପ୍ରଭାବରେ ଭାରତ ସମେତ ଅନେକ ଦେଶରେ ସ୍ଥଳଭାଗ ଉପରକୁ ସମୁଦ୍ର ମାଡ଼ିଆସୁଛି। ଜଳବାୟୁର ପରିବର୍ତ୍ତନ ଫଳରେ ବାତ୍ୟା ଏବଂ ବନ୍ୟା ମଧ୍ୟ ଅଧିକରୁ ଅଧିକ ସଂଘଟିତ ହେଉଛି।




କେତେକ ଜାତିର ବେଙ୍ଗର ରଙ୍ଗ ଏବଂ ଆକୃତିରେ ପରିବର୍ତ୍ତନ ହୋଇଯାଉଛି। ଏ ଘଟଣାକୁ ସେ ନୂଆ ଷ୍ଟାଇଲ୍‌ର ଚଷମାର ଚିତ୍ରକଳ୍ପ ମାଧ୍ୟମରେ ତୋଳି ଧରିଛନ୍ତି। ଆଉ ଗୋଟେ କାର୍ଟୁନ୍‌ରେ ଗୋଟେ ବାଘର ପ୍ରାତ୍ୟହିକ କାମ ବିଷୟରେ ସେ ବର୍ଣ୍ଣନା କରିଛନ୍ତି। ଆପାତ ଦୃଷ୍ଟିରୁ ହାସ୍ୟୋଦ୍ଦୀପକ ଏହି କାର୍ଟୁନ୍‌ରେ ପାଠକ ବାଘର ଦୃଷ୍ଟିକୋଣରୁ ତା' ଜୀବନ କେତେ କଷ୍ଟକର ହୋଇଗଲାଣି ସେ କଥା ବୁଝିପାରିବେ।

କାର୍ଟୁନରେ ଏମିତି ଅନେକ ପଶୁପକ୍ଷୀ, ଫୁଲଫଳ କଥା ଲେଖାଯାଇଛି, ଯାହା ବିଷୟରେ ସାଧାରଣ ଲୋକ ବିଶେଷ ଜାଣନ୍ତି ନାହିଁ। ଉଦାହରଣ ସ୍ୱରୂପ ନୀଳଗିରି ପାର୍ବତ୍ୟାଞ୍ଚଳରେ ଫୁଟୁଥିବା ନୀଳକୋରି ଫୁଲ। ଏ ଫୁଲ ୧୨ବର୍ଷରେ ଥରେ ଫୁଟେ। ଏମିତି ଅନେକ ଅଜଣା ବିଷୟରେ ସେ ତଥ୍ୟ ଦେଇଛନ୍ତି।

ଇଏ ଏକ ବିଶାଳ ସଂକଟ ଏବଂ ବିଡ଼ମ୍ବନା ହେଲା, ଏ ସଂକଟ ବିଷୟରେ ଲୋକେ ବିଶେଷ ସଚେତନ ନୁହନ୍ତି। କେଡ଼େ ବଡ଼ ସଂକଟ ଆମ ଉପରକୁ ମାଡ଼ି ଆସୁଛି- ଏ ସମ୍ପର୍କରେ ଅନେକଙ୍କର କୌଣସି ଧାରଣା ମଧ୍ୟ ନାହିଁ। ଯେ କୌଣସି ସଂକଟର ମୁକାବିଲା ପାଇଁ ତା' ବିଷୟରେ ସଚେତନତା ସବୁଠୁଁ ଅଧିକ ପ୍ରୟୋଜନ। ରୋହନ୍ ଚକ୍ରବର୍ତ୍ତୀଙ୍କର ବ୍ୟଙ୍ଗଚିତ୍ର ବହିଟି ଏ ଦିଗରେ ଏକ ବଡ଼ ଆୟୁଧ। ଜଳବାୟୁ ପରିବର୍ତ୍ତନ, ପରିବେଶର ସଙ୍କଟ ସଂପର୍କରେ ଏବଂ ପଶୁପକ୍ଷୀମାନଙ୍କୁ ରକ୍ଷା କରିବା ଦିଗରେ ସଚେତନତା ସୃଷ୍ଟି ପାଇଁ ହସକୁ ବ୍ୟବହାର କରିଛନ୍ତି ସେ।

'ଗ୍ରୀନ୍ ହ୍ୟୁମର୍ ଫର୍ ଏ ଗ୍ରେଇଙ୍ଗ୍ ପ୍ଲାନେଟ୍' ବହିଟି ଶ୍ରୀ ଚକ୍ରବର୍ତ୍ତୀଙ୍କର ୨୦୦ଟି ବ୍ୟଙ୍ଗ ଚିତ୍ରର ଏକ ସଂକଳନ। ପରିବେଶ ସଂରକ୍ଷଣ, ସସ୍‌ଟେନେବିଲିଟି, ପ୍ରାଣିଜଗତର ସୁରକ୍ଷା, କୋଭିଡ୍ ମହାମାରୀ ଆଦି ବିଭିନ୍ନ ବିଷୟରେ ବ୍ୟଙ୍ଗ ଚିତ୍ର ରହିଛି ଏ ବହିଟିରେ। ଏ କାର୍ଟୁନ୍‌ଗୁଡ଼ିକ ପତ୍ରପତ୍ରିକା, ଖବରକାଗଜ, ୱେବ୍‌ସାଇଟ୍ ଆଦି ବିଭିନ୍ନ ମଞ୍ଚରେ ୨୦୧୨ ରୁ ୨୦୨୦ ଭିତରେ ପ୍ରକାଶିତ ହୋଇଛି। କାର୍ଟୁନ୍‌ଗୁଡ଼ିକରେ ଚିନ୍ତାର ଗଭୀରତା ସହିତ ତଥ୍ୟର ଗଭୀରତା ମଧ୍ୟ ରହିଛି। ତାଙ୍କର କାର୍ଟୁନ୍‌ଗୁଡ଼ିକ ଯଦିଓ ହାସ୍ୟୋଦ୍ଦୀପକ, କିନ୍ତୁ ସେ ହାସ୍ୟ ଭିତରେ ଏକ ବେଦନା ରହିଛି।

ଶ୍ରୀ ଚକ୍ରବର୍ତ୍ତୀ ପେସାରେ ଦନ୍ତ ଚିକିତ୍ସକ। କିନ୍ତୁ ପରିବେଶ ଏବଂ ସଂରକ୍ଷଣ ଏହି ଦୁଇଟି ବିଷୟରେ ତାଙ୍କର ବେଶ୍ ପ୍ରବେଶ ରହିଛି। ଅନେକ କାର୍ଟୁନ୍‌ରେ ଦର୍ଶାଯାଇଛି ଯେ ମଣିଷ ପରିବେଶ ସଂପର୍କରେ ସବୁଠାରୁ କମ୍ ଚିନ୍ତାକରେ ଆଉ ପରିବେଶକୁ ସବୁଠାରୁ ବେଶୀ ନଷ୍ଟ କରେ। ଆବଶ୍ୟକତା ପାଇଁ ଯେତେ ନୁହେଁ, ଲୋଭ ଯୋଗୁଁ ସେ ପରିବେଶକୁ ନଷ୍ଟ କରେ।

କାର୍ଟୁନ୍‌ଗୁଡ଼ିକର ଡ୍ରଇଂ ଭାରି ସୁନ୍ଦର ଏବଂ କାର୍ଟୁନ୍‌ର କ୍ୟାପ୍‌ସନ୍ ମଧ୍ୟ ବେଶ୍ ସରଳ ଭାଷାରେ ଲିଖିତ। ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏ ବହିକୁ ଉପଭୋଗ କରିପାରିବେ।

# ଚଳନ୍ତି ଦେବୀ

**ଅକ୍ଷୟ ପଣ୍ଡା**

ଗଳ୍ପ

ବ୍ୟସ୍ତବହୁଳ ମହାନଗରୀ ଆଜି ଶୂନ୍‌ଶାନ୍। କରୋନା ଦାରୁଣ ପ୍ରକୋପରେ ଅସହାୟ ନିଃସହାୟ ମଣିଷକୁ କଏଦ କରିଥିଲା ସ୍ୱଇଚ୍ଛାରେ, ଆପଣାର କୋଠରିରେ। କଠୋର ସେ ନିର୍ଯାତନା ଦେଉଥିଲା ନିଜ ନିଜକୁ। ଆଉ କିଛିଦିନ ବଞ୍ଚିଯିବାର ମୋହ ନେଇ। ହେଲେ କରୋନା ବିସ୍ତାର କରିଚାଲିଥିଲା ତା'ର କାୟା ଆଗକୁ ଆଗକୁ। କାନକୁ ଯେତେ ଛୁପେଇଲେ ବି ମୁଁ ଶୁଣିପାରୁଥିଲି ଆଖପାଖ ମଣିଷର ମରଣ କାହାଣୀ। ଏ ସହର ମୋର ଅତି ନିଜର, ଅତି ଆପଣାର। ତା' ମନ୍ଦିର, ଘାଟ, ହାଟ ବଜାର, ଗଳିକନ୍ଦି ସବୁମତେ ଜଣା। ଆଉ ମୁଁ ରହୁଥିଲି ଠିକ୍ ଏଠ୍‌ୟୁ ପାଖାପାଖି। ସେଠାକାର ପାଣି ପବନରେ ଥିଲା ପବିତ୍ରତା। ପରକୁ ଆପଣାର କରିବାର ଅଦ୍ଭୁତ ଶକ୍ତି। ବୋଧହୁଏ ସେଇଥିପାଇଁ ଗୌତମବୁଦ୍ଧ ବାଛି ନେଇଥିଲେ ସାରନାଥର ନିରୋଳା ସ୍ଥାନ। ଆଉ ଶୁଣାଇଥିଲେ ଦୋହା। ତୁଳସୀ ଦାସ ରଚନା କରିଥିଲେ ରାମଚରିତ ମାନସ। ମୁଁ ବି ଆଦରି ନେଇଥିଲି ସେହି ସ୍ଥାନକୁ ମୋର କର୍ମଭୂମି ଭାବେ। ତା'ର ପବିତ୍ର ଗଙ୍ଗାଜଳରେ ସ୍ନାନ କରି ଦର୍ଶନ କରେ ବାବା ବିଶ୍ୱନାଥଙ୍କୁ! କି ଆନନ୍ଦ, କି ଖୁସି! ତାହା କ'ଣ ଶବ୍ଦରେ ବର୍ଣ୍ଣନା କରାଯାଇପାରେ!

ଏବେ ସେ ହସଖୁସିର ସହରରେ ଅବସାଦର ଛାୟା। ମୃତ୍ୟୁ ହା ହା କାର। ଶବକୁ ମିଳୁନି କାନ୍ଧ। କୋକେଇର ଲୋଡ଼ା ନାହିଁ। ମଣିକର୍ଣ୍ଣିକା ଘାଟରେ ଶବ ଶେଷ ସମାରୋହ ନାହିଁ। ନା ଅଛି ଆଗ ପରି ମିଳାମିଶା। ଚାରିଆଡ଼େ ଖାଲି ଭୟ ଆଉ ଆତଙ୍କର ଛାୟା। ସେହି ଆତଙ୍କ ଭିତରେ ନାଚି ଉଠୁଥିଲା ମୋ' ଗାଁ ମାଟିର ଛବି। ଯେମିତି ହେଉ ମୁଁ ଯିବି। ନିଶ୍ଚୟ ଯିବି। ଦେଖି ଆସିବି ମୋ' ବେମାରି ମା', ମାନି, ପରିବାର ଓ ସାଙ୍ଗସାଥୀମାନଙ୍କୁ। ତା' ପରଦିନ ସକାଳୁ ବାହାରିଲି। ବର୍ଷା ଅଟକାଉଥିଲା, ଘଡ଼ଘଡ଼ି ଚଡ଼ଚଡ଼ି ଡରାଉଥିଲେ। କିଛି ନ ମାନି ପହଞ୍ଚିଲି ବାବତପୁର ବିମାନବନ୍ଦରରେ। ଠିକ୍ ସମୟରେ ଏୟାରଇଣ୍ଡିଆର ବିମାନଟି ଭୂଇଁ ଉପରକୁ ଉଠିଲା ଆକାଶର ମଥାନକୁ। ଆଉ ବିମାନର ପରିଚାରିକା ଜଣକ ଘୋଷଣା କଲେ ଯାତ୍ରୀମାନଙ୍କୁ- ଅନୁରୋଧ, ସୁରକ୍ଷାର ବେଲ୍‌ଟଟିକୁ ବାନ୍ଧି ନିଅନ୍ତୁ। ସୁଇଚ୍ ଅଫ୍ କରନ୍ତୁ ମୋବାଇଲର। ଆମର ଏବେ ଯାତ୍ରା ଆରମ୍ଭ ହେଲା ଭୁବନେଶ୍ୱର ଅଭିମୁଖେ। ଭାବନା ରାଜ୍ୟରେ ହଜି ଯାଇଥିଲେ କେତେ ସହଯାତ୍ରୀ। ଆଉ କିଛି ତରୁଣ ତରୁଣୀ ମଜ୍ଜି ଯାଇଥିଲେ ସପନର ଇଲାକାରେ। ମିଠାମିଠା ହସ, ଚୁପିଚୁପି କଥା ମୁଁ ଶୁଣି ପାରୁଥିଲି। ସେତିକିରେ ବି ଖୁସି ମେଣ୍ଟିନଥିଲା। ସୁନା ମାସ୍କପିନ୍ଧା ପ୍ରେମିକର ସେ ସେଲ୍‌ଫି ନେଉଥିଲା। ସେମାନେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରୁଥିଲେ। ମନେ ହେଉଥିଲା ନୀଳଗଗନରେ ନୀଳନୟନାକୁ ନେଇ୍ ଏକ ଫିଲ୍ମ ସୁଟିଂ ଚାଲିଛି। ହଠାତ୍ ବିମାନର ଗତି ଧିମା ହୋଇଆସିଲା। ଏୟାରଇଣ୍ଡିଆ ତରଫରୁ ଘୋଷଣା କରାଗଲା- ଆପଣମାନେ ଏବେ ଆପଣଙ୍କ ସିଟ୍‌ରେ ଆରାମରେ ବସନ୍ତୁ। ଆଉ କିଛି ସମୟ ପରେ ବିମାନଟି ଅବତରଣ କରିବ। ବିଜୟାନନ୍ଦ ଏୟାର ପୋର୍ଟକୁ ଆସିଗଲ। ମୋ' ମାଆ ମମତା ବୈକୁଣ୍ଠପୁର। ଆଉ ଡେରି ନ କରି ଚାଲିଲି ଏକ୍‌ଜିଷ୍ଟ ଡୋରଆଡ଼େ। କର୍ମରତା ମହିଳା ଜଣକ କହୁଥା'ନ୍ତି- ଆଜ୍ଞା ଆପଣ ଦୁଇ ନମ୍ବର କ୍ୟୁରେ ଆସନ୍ତୁ।

ଭଦ୍ରାମି ଦୃଷ୍ଟିରୁ ହଁ ଆଜ୍ଞା କହି ମାସ୍କ ଆଉ ପିପି କିଟ୍ ସଜାଡ଼ିନେଲି। ନିଜ କ୍ୟୁରେ ରହି ଯଥାସମ୍ଭବ ଦୂରତା ମେଣ୍ଟେନ କରି ଅପେକ୍ଷା କରିଥିଲି। ହଁ, ଏବେ ଆସିଗଲା ପାଳି। ହାତ ପାପୁଲିରେ ଦିଆଗଲା ସାନିଟାଇଜର। ମୋ ନାଁ, ଗାଁ, ଠିକଣାକୁ ନଥିଭୁକ୍ତ କରାଗଲା। ସ୍କାନିଂ ପରେ ଲାଗିଲା ମୋ' ଡାହାଣ ହାତରେ ମୋହର। ଆଉ ଡେରି ନ କରି ମୋବାଇଲ କ୍ୟାମେରାରେ ଉଠାଇରଖିଲି ବିମାନ ବନ୍ଦରର ସୁମନୋହର ଛବି। ଘୂର୍ଣ୍ଣାୟମାନ ଚକ୍ରିରୁ ସଂଗ୍ରହ କରିନେଲି ବ୍ୟାଗ। ମନରେ ଲାଗିଛି ଘରକୁ ଯିବାର ନିଶା। ଟାକ୍ସି କରିବା ପୂର୍ବରୁ ପିପ୍ କିଟ୍‌କୁ ମୁଁ ଡଷ୍ଟବିନ୍‌ରେ ଫିଙ୍ଗିବାକୁ ଯାଇଥିଲି। ଆକାଶରୁ ଝରିପଡୁଥିଲା ଝିପିଝିପି ବର୍ଷା। ସେଥିରେ ମୁଁ ଭିଜିଭିଜି ଡ୍ରେସ୍‌ଟିକୁ ଫିଙ୍ଗିଲା ବେଳେ ତାହା ତଳେ ପଡ଼ିଯାଇଥିଲା। ପାଖରେ ଠିଆ ହୋଇଥିବା ମହିଳା ଜଣକ ବାଡ଼ିଖଣ୍ଡକରେ ଉଠାଇ ଡଷ୍ଟବିନ୍‌ରେ ଫିଙ୍ଗିଦେଲେ। ସେହି ସମୟରେ ପିପ୍‌କିଟରୁ ତଳେ ପଡ଼ିଯାଇଥିଲା ପଚାଶ ଟଙ୍କା। ସେ ସଫାଇକର୍ମୀ ଜଣକ ଡାକିଲେ- ଭାଇ! ଆପଣଙ୍କ ଟଙ୍କା ପଡ଼ିଯାଇଥିଲା ନିଅନ୍ତୁ। ମୁଁ ଚଢ଼ାଗଳାରେ କହିଲି, ନେଇଯାଆ ତୁ ଖର୍ଚ୍ଚ କରିବୁ। ସେ କହିଲା- ନା ବାବୁ, ଏ କେମିତି ହେବ। ମୁଁ ସାନିଟାଇଜର ଲଗାଇ ଦେଉଛି କିଛି ହେବନି। ମୁଁ ପୁଣି କହିଲି , ନା ତୁ ରଖ। ସେ ମୋତେ ବୁଝେଇଦେଲା- ପାପ ଧନ ପ୍ରାୟଶ୍ଚିତରେ ଯାଏ ବାବୁ। ମୁଁ କେବେ ଏଭଳି କାମ କରିପାରିବିନି। ଆଖି ମୋର ଲୁହରେ ଛଳଛଳ ହୋଇଗଲା। ଧନ ଗର୍ବ ଅହଙ୍କାର ଚୂରମାର ହୋଇଗଲା। ହାତମୋର ଆପେଆପେ ଯୋଡ଼ି ହୋଇଗଲା। ସତରେ ଏ କରୋନା ଯୋଦ୍ଧାମାନେ କେତେ ସାହସୀ, କେତେ ସଚ୍ଚୋଟ ! ମନ କହୁଥିଲା- ନା ନା ଏ ସଫାଇ କର୍ମୀ ନୁହେଁ, ହେଉଛନ୍ତି ଚଳନ୍ତି ଦେବୀଟି। ଆପଣାଛାଏଁ ହାତ ମୋର ଯୋଡ଼ି ହୋଇ ଆସୁଥିଲା। ଠିକ୍ ଏହି ସମୟରେ ଟ୍ୟାକ୍ସି ଡ୍ରାଇଭର ପାଟିକରି ଡାକ ପକାଇଲା, କ'ଣ ବାବୁ ଆଜି ଯିବାନାକି ? ତୁରନ୍ତ ମୁଁ ଗାଡ଼ିରେ ବସିଗଲି, ଆଉ କହିଲି- ଏବେ ଚଲ।

- ସୁନ୍ଦରପୁର, ବାରାଣସୀ



ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିଜର ଲେଖା ଡିଟିପି କରି ୱାର୍ଡ କିମ୍ବା ପେଜ୍‌ମେକର ଫାଇଲରେ ନିମ୍ନ ଠିକଣାରେ ପଠାଇ ପାରିବେ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ପ୍ରଥମ ଓଡ଼ିଆ ଉଚ୍ଚାଙ୍ଗ ପ୍ରବନ୍ଧଗ୍ରନ୍ଥ: 'ବିବିଧ ପ୍ରବନ୍ଧ'

ଓଡ଼ିଆ ଗଦ୍ୟ ପରିମଣ୍ଡଳରେ ଜଣେ ସ୍ୱତଃସିଦ୍ଧ, ମାଟିମନସ୍କ ଜ୍ଞାନ-ତପସ୍ୱୀ ବିଶ୍ୱନାଥ କର। ସେ ବାଗ୍ମୀ, ବହୁପାଠୀ, ବହୁ ଶାସ୍ତ୍ରଦର୍ଶୀ ଓ ଅନନ୍ୟ ସାଧକ। ଓଡ଼ିଆ ସାହିତ୍ୟରେ ମୁଖ୍ୟତଃ ତିନୋଟି ପରିଚୟ ନେଇ ସେ ଆବିର୍ଭୂତ ହୁଅନ୍ତି, ୧) ସମ୍ପାଦକ, 'ଉତ୍କଳ ସାହିତ୍ୟ', ୨) ପ୍ରାବନ୍ଧିକ ଓ ୩) ସଂସ୍କାରକ ତଥା ବ୍ରାହ୍ମ ସମାଜର ଅନ୍ୟତମ ନେତା। ଏହି ତିନୋଟି ଭୂମିକାକୁ ସେ ଯଥାଯଥ ଭାବେ ନିର୍ବାହ କରିଛନ୍ତି। କରଙ୍କର କୋଡ଼ିଏଟି ପ୍ରବନ୍ଧର ସଂକଳନ ହେଉଛି 'ବିବିଧ ପ୍ରବନ୍ଧ', ଯାହା ୧୮୯୬ରେ କଟକ ରାୟ ପ୍ରେସ୍‌ରୁ ପ୍ରକାଶ ପାଏ। ପ୍ରବନ୍ଧଗୁଡ଼ିକ ପୂର୍ବରୁ ଆଶା, ଉତ୍କଳ ପ୍ରଭା ଓ ସମ୍ବଲପୁର ହିତୈଷିଣୀରେ ପ୍ରକାଶ ପାଇଥିଲା।



ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ

ବିଶ୍ୱନାଥ କର ୧୮୯୪ ମସିହା ଡିସେମ୍ବର ୧୪ ତାରିଖରେ କଟକ ଜିଲାର ମାହାଙ୍ଗା ଥାନା ନିକଟସ୍ଥ ମୂଳବସନ୍ତ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ପିତା ନାରାୟଣ କର, ମାତା ବୈଦେହୀ। ନିକଟସ୍ଥ 'ଭାକୁଡ଼' ଗ୍ରାମର ଚାଟଶାଳୀରେ ଶୈଶବରୁ ସଂସ୍କୃତ ଅଧ୍ୟୟନ ପରେ କଟକ ଆସି ପ୍ୟାରୀମୋହନ ଏକାଡେମୀ ଓ କଟକ ମିଶନ ହାଇସ୍କୁଲରେ ଉଚ୍ଚଶିକ୍ଷା ଗ୍ରହଣ। ଅର୍ଥାଭାବରୁ ଏଣ୍ଟ୍ରାନ୍ସ ପରୀକ୍ଷା ଦେଇ ନ ପାରି ପୋଥିରେ ଡୋରି ବନ୍ଧା ହୋଇଛି। ମିଶନ ସ୍କୁଲରେ ଛାତ୍ର ଥିଲାବେଳେ ଶିକ୍ଷକ ୟଙ୍ଗ୍‌ଙ୍କଠାରୁ ବାଇବେଲ୍ ଓ ଖ୍ରୀଷ୍ଟ ଧର୍ମର ତତ୍ତ୍ୱ ସବୁ ଶିକ୍ଷା କରିଛନ୍ତି। ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣ ଆଗ୍ରହୀ ବିଶ୍ୱନାଥଙ୍କୁ ସଂସ୍କୃତ କାବ୍ୟ, ବ୍ୟାକରଣ, ଅଳଙ୍କାର ଦର୍ଶନ ଓ ନୀତିଶାସ୍ତ୍ରରେ ଧୁରୀଣ କରିଛନ୍ତି। ମଧୁବାବୁଙ୍କ ଜାତୀୟ ସ୍ୱାଭିମାନ, ପ୍ୟାରୀମୋହନଙ୍କ ଜୀବନାଦର୍ଶ, ଭକ୍ତକବି ବ୍ରହ୍ମଙ୍କ ମଧୁସୂଦନଙ୍କ ଅଧ୍ୟାପନା ଶୈଳୀ, ଉପାସନା ତାଙ୍କୁ ଆକୃଷ୍ଟ କରିଛି। ସେହି ସମୟରୁ ସେ ବ୍ରାହ୍ମ ଧର୍ମର ସଂସ୍କାରବାଦୀ ଆଭିମୁଖ୍ୟକୁ ଗ୍ରହଣ କରିଛନ୍ତି। ଚତୁର୍ଭୁଜ ପଟ୍ଟନାୟକଙ୍କ 'ସଂସ୍କାରକ' ପତ୍ରିକାର ସମ୍ପାଦନାଶୈଳୀ ଏବଂ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ବଲପୁର ହିତୈଷିଣୀରେ ପ୍ରକାଶିତ ବହୁମୁଖୀ ରଚନା, ତର୍କ ବିତର୍କ ତାଙ୍କୁ ପରର୍ତ୍ତୀ ଜୀବନରେ ଜଣେ ଆଦର୍ଶ ସମ୍ପାଦକ ଭାବେ ଗଢ଼ିତୋଳିଛି।



ବିଶ୍ୱନାଥ କର

୧୯୧୧ ବେଳକୁ ସେ ପାଞ୍ଚ ବର୍ଷ ପାଇଁ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାର ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଅଜସ୍ର ପ୍ରତିରୋଧ ସତ୍ତ୍ୱେ ବ୍ୟବସ୍ଥାପକ ସଭାରେ ସେ ପ୍ରଥମ ଓଡ଼ିଆ ଭାବେ ଓଡ଼ିଆରେ ବକ୍ତୃତା ଦେଇଥିଲେ। ଏହାକୁ ଅଣଓଡ଼ିଆ ସଭ୍ୟମାନେ ବିରୋଧ କରିବାରୁ ସେ ଦୃଢ଼ କଣ୍ଠରେ ଘୋଷଣା କରିଥିଲେ- ''ଓଡ଼ିଆ ଏକ ପ୍ରାଚୀନ ଭାଷା ; ମୁଁ ଓଡ଼ିଆ, ମୋର ଭାଷା ଓଡ଼ିଆ, ମୋତେ ଓଡ଼ିଆ ଭାଷାରେ କୁହାଇ ନ ଦେବାକୁ ଅପଚେଷ୍ଟା କରିବାର ପରୋକ୍ଷ ଅର୍ଥ ମୋର ପରମାରାଧ୍ୟା ଉତ୍କଳମାତା ଓ ଉତ୍କଳ ଭାରତୀଙ୍କ ପ୍ରତି ଉପେକ୍ଷା ଓ ଅସମ୍ମାନ ପ୍ରଦର୍ଶନ ଛଡ଼ା ଆଉ କିଛି ନୁହେଁ, ଏହା ବିରୋଧକାରୀ ସଭ୍ୟ ବନ୍ଧୁମାନେ ଶୀତଳ ମସ୍ତିଷ୍କରେ ହୃଦୟଙ୍ଗମ କରିବା ଉଚିତ।'' (ଆତ୍ମ ପରିଚିତି) ବିଶ୍ୱନାଥଙ୍କ ବଳିଷ୍ଠ ଯୁକ୍ତିରେ ସନ୍ତୁଷ୍ଟ ହୋଇ ଲାଟ୍‌ସାହେବ ତାଙ୍କୁ ଓଡ଼ିଆରେ କହିବାକୁ ଅନୁମତି ଦେଇଥିଲେ ଏବଂ ତାଙ୍କର ବଳିଷ୍ଠ ବକ୍ତବ୍ୟ ସମସ୍ତ ସଦସ୍ୟଙ୍କୁ ସ୍ତବ୍ଧ କରିଦେଇଥିଲା।

ସେ ଉତ୍କଳ ସାହିତ୍ୟ ସମାଜ (୧୯୦୩)ର ପ୍ରତିଷ୍ଠାଠାରୁ ଆରମ୍ଭକରି ତା'ର ସଭାପତି ପଦ ମଧ୍ୟ ମଣ୍ଡନ କରିଛନ୍ତି। ତାଙ୍କର ଜନ ଓ ସମାଜ ମଙ୍ଗଳକାର୍ଯ୍ୟ ଏବଂ ସାହିତ୍ୟ ସେବା ପାଇଁ ବ୍ରିଟିଶ୍ ସରକାର ତାଙ୍କୁ ରାୟବାହାଦୁର ଉପାଧି ପ୍ରଦାନ କରିବାକୁ ଚାହିଁଥିଲେ। ଏହାକୁ ସମ୍ମାନର ସହ ପ୍ରତ୍ୟାଖ୍ୟାନ କରି ସେ ଜଣାଇ ଦେଇଥିଲେ କୌଣସି ପଦବୀ ଲାଳସାରେ କାର୍ଯ୍ୟନିର୍ବାହ କରୁନାହାନ୍ତି।

ଅତୀତର ବହି

ବିଶ୍ୱନାଥ କରଙ୍କ 'ଉତ୍କଳ ସାହିତ୍ୟ' ସମ୍ପାଦକର ଭାବମୂର୍ତ୍ତି ଅନ୍ୟ ସମସ୍ତ ପ୍ରତିଭାକୁ ନିଷ୍ପ୍ରଭ କରିଦେଇଥିଲା। ୧୮୯୭ରେ 'ଉତ୍କଳ ସାହିତ୍ୟ'ର ଆବିର୍ଭାବ ଘଟି ବିଶ୍ୱନାଥ କରଙ୍କ ମୃତ୍ୟୁ(୧୯୩୪) ପରେ ମଧ୍ୟ ପ୍ରକାଶ ପାଇ ଓଡ଼ିଆ ସାହିତ୍ୟର ତିନି ପିଢ଼ିର ଲେଖକଙ୍କୁ ଉଚିତ ଦିଗ୍‌ଦର୍ଶନ ଦେଇଥିଲା। ତାଙ୍କ ସମ୍ପାଦନାର ଉତ୍କର୍ଷକୁ ପ୍ରଶଂସା କରି ମାୟାଧର ମାନସିଂହ କହନ୍ତି, ''ପଚାଶ ବର୍ଷ ଧରି ଓଡ଼ିଆ ସାହିତ୍ୟର କେନ୍ଦ୍ରବିନ୍ଦୁ ଥିଲେ ବିଶ୍ୱନାଥ କର। ତାଙ୍କ ମୂଲ୍ୟବୋଧର ମାନଦଣ୍ଡ ନିରପେକ୍ଷ ଓ ସର୍ବୋତ୍କୃଷ୍ଟ ଥିଲା। 'ଉତ୍କଳ ସାହିତ୍ୟ'ରେ ଲେଖାଟିଏ ପ୍ରକାଶ ପାଇଲେ ସାହିତ୍ୟିକଟି ସିଦ୍ଧି ବିମଣ୍ଡିତ ହେଉଥିଲା। 'ଉତ୍କଳ ସାହିତ୍ୟ'ର ସମ୍ପାଦକୀୟ 'ବିବିଧ ପ୍ରସଙ୍ଗ' ଥିଲା ଓଡ଼ିଆ ସାହିତ୍ୟର ଦିଗବାରେଣୀ। 'ଉତ୍କଳ ସାହିତ୍ୟ' ପ୍ରକାଶ ପୂର୍ବରୁ ବିଶ୍ୱନାଥଙ୍କର ଅନେକ ପ୍ରବନ୍ଧ ସମ୍ବଲପୁର ହିତୈଷିଣୀ ଓ ଅନ୍ୟାନ୍ୟ ପତ୍ରିକାରେ ପ୍ରକାଶିତ। 'ଉତ୍କଳ ସାହିତ୍ୟ'ର ପ୍ରକାଶନ ଆରମ୍ଭ ପରେ ବିଶ୍ୱନାଥ କର ଅନ୍ୟ ପତ୍ରିକାରେ କିଛି ଲେଖିବାକୁ ଅବସର ପାଇନାହାନ୍ତି। ଏହି କାରଣରୁ 'ବିବିଧ ପ୍ରବନ୍ଧ' ତାଙ୍କର ଏକ ଉଲ୍ଲେଖନୀୟ ସୃଷ୍ଟି।

ସ୍ୱର୍ଗତ କର ଆଜୀବନ ସାରସ୍ୱତ ସାଧକ। ଏକ ପ୍ରସିଦ୍ଧ ପତ୍ରିକାର ସମ୍ପାଦକ ଥାଇ ମଧ୍ୟ ତାଙ୍କର ତିନୋଟି ପୁସ୍ତକ ପ୍ରକାଶ ପାଇଛି: ୧) ବିବିଧ ପ୍ରବନ୍ଧ, ୨) ବ୍ରାହ୍ମଧର୍ମ ତତ୍ତ୍ୱ (୧୯୧୮) ଏବଂ ୩) ବ୍ରାହ୍ମ ସଂଗୀତ (୧୯୨୬)। ଶେଷୋକ୍ତ ପୁସ୍ତକଟି ବିଭିନ୍ନ ଲେଖକଙ୍କ ବ୍ରାହ୍ମସଂଗୀତର ସଂକଳନ। ଦ୍ୱିତୀୟ ପୁସ୍ତକଟି ବ୍ରାହ୍ମଧର୍ମର ତତ୍ତ୍ୱ ପରିବେଷଣ କରିଛି। 'ବିବିଧ ପ୍ରବନ୍ଧ'ର ପ୍ରଥମ ସଂସ୍କରଣ ୧୮୯୬ରେ କୋଡ଼ିଏଟି ପ୍ରବନ୍ଧକୁ ନେଇ ପ୍ରକାଶିତ। ଏହି ପୁସ୍ତକର ଭୂମିକାରେ ଲେଖକ ସ୍ୱୀକାର କରନ୍ତି: ''ହୃଦୟ ଆବେଗରେ ନାନା ସମୟରେ ଯେ ସମସ୍ତ ପ୍ରବନ୍ଧ ଲେଖିଥିଲି, ସେଥିରୁ କେତେଗୁଡ଼ିଏ ବାଛି 'ବିବିଧ ପ୍ରବନ୍ଧ' ନାମରେ ପ୍ରକାଶ କଲି। ପ୍ରଥମ ପ୍ରବନ୍ଧଟି ଆଶାରେ ପରବର୍ତ୍ତୀ ପାଞ୍ଚଗୋଟି 'ଉତ୍କଳପ୍ରଭା'ରେ ଏବଂ ଅବଶିଷ୍ଟ 'ସମ୍ବଲପୁର ହିତୈଷିଣୀ'ରେ ପ୍ରକାଶିତ ହୋଇଥିଲା।'' ପ୍ରଥମ ସଂସ୍କରଣ (୧୩.୧୦.୧୮୯୬)ରେ ବିବିଧ ବିଷୟକ କୋଡ଼ିଏଟି ପ୍ରବନ୍ଧ ସ୍ଥାନିତ ହୋଇଥିଲା। ପ୍ରବନ୍ଧଗୁଡ଼ିକ ହେଲା ସ୍ୱାଧୀନ ଚିନ୍ତା, ମହାସ୍ରୋତ, ସ୍ୱାଧୀନତା, ରାକ୍ଷସୀଲୀଳା, ସ୍ତ୍ରୀ ଶିକ୍ଷା, ଅନନ୍ତ ପ୍ରେମ, ହିତବାଦ ନୀତି, ସାଧନା ଓ ସିଦ୍ଧି, ସାହିତ୍ୟ ତର୍କ, ସାହିତ୍ୟ ଓ ସମାଲୋଚନା, ପୁରାତନ, କବି ଉପେନ୍ଦ୍ର ଭଞ୍ଜ ଓ ଗୋଟିଏ ଉତ୍ତର, ଶିକ୍ଷା, ଇତିହାସ, ବାଲ୍ୟ ଶିକ୍ଷା, ଭାଷାର ଅପବ୍ୟବହାର, କଚେରିଆ ଭାଷା, ଧର୍ମ ଓ ଆମୋଦ, ବିଷମ ସଙ୍କଟ। ୧୯୦୭ରେ 'ବିବିଧ ପ୍ରବନ୍ଧ'ର ଦ୍ୱିତୀୟ ସଂସ୍କରଣ ପ୍ରକାଶ ସମୟରେ ବିଶ୍ୱନାଥ କିଛିଟା ଖଣ୍ଡନ ମଣ୍ଡନ କରିଛନ୍ତି। ଏଥିରୁ ଶେଷ ତିନୋଟି ପ୍ରବନ୍ଧ ବାଦ୍ ଦିଆଯାଇଛି ଏବଂ ଭାଷାର ଅପବ୍ୟବହାର ପ୍ରବନ୍ଧଟି ବାଲ୍ୟ ଶିକ୍ଷା ପ୍ରବନ୍ଧର ଅଙ୍ଗୀଭୂତ ହୋଇଛି। ଦ୍ୱିତୀୟ ସଂସ୍କରଣର ଭୂମିକାରେ ଏହା ସ୍ୱୀକାର କରାଯାଇଛି। ଉକ୍ତ ପ୍ରବନ୍ଧଗୁଡ଼ିକ ସ୍ଥଳରେ ସାହିତ୍ୟ ଓ ଜୀବନ, ରଘୁବଂଶର ଦିଲୀପ, ଜାତୀୟ ଜୀବନରେ ସାହିତ୍ୟର ସ୍ଥାନ ଓ ଭାଷା ଚର୍ଚ୍ଚା ପ୍ରବନ୍ଧ ସନ୍ନିବେଶିତ ହୋଇଛି। ଏହାର ପରବର୍ତ୍ତୀ ସଂସ୍କରଣ ୧୯୧୬ରେ ପ୍ରକାଶିତ।


ବିବିଧ ପ୍ରବନ୍ଧ।

Printed by U. Kar,
THE UTKAL SAHITYA PRESS,
Cuttack.
1916.

'ବିବିଧ ପ୍ରବନ୍ଧ' ପୁସ୍ତକର ପ୍ରକାଶନକୁ 'ଉତ୍କଳଦୀପିକା', 'ସମ୍ବାଦ ବାହିକା' ଓ 'ସମ୍ବଲପୁର ହିତୈଷିଣୀ' ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି। 'ବିବିଧ ପ୍ରବନ୍ଧ'ର ରଚନାଗୁଡ଼ିକ ଗୁରୁଗମ୍ଭୀର ପ୍ରଶ୍ନ ଓ ଜୀବନ ସମସ୍ୟାର ସମାଧାନ ଦିଗରେ ଅଭିପ୍ରେତ। ଯୁକ୍ତି ସମ୍ବଳିତ ଓ ମନନଧର୍ମୀ ରଚନାର ଆଦ୍ୟ ନାନ୍ଦୀକାର ବିଶ୍ୱନାଥ। ସୁନିହିତ ଚିନ୍ତା, ସାର୍ବଜନୀନ ଧର୍ମଧାରା, ଅନୁଭୂତିର ସନ୍ନଦ୍ଧ ସଂଯୋଜନା ତାଙ୍କ ପ୍ରବନ୍ଧକୁ ରୁଚିପୂର୍ଣ୍ଣ ଓ କ୍ରାନ୍ତଦର୍ଶୀ କରିଛି। ସାହିତ୍ୟର ଚିରନ୍ତନ ଉଦ୍ଦେଶ୍ୟ ସୌନ୍ଦର୍ଯ୍ୟ ସୃଷ୍ଟି ଓ ଆନନ୍ଦ ଦାନ। ଏହି ଉଦ୍ଦେଶ୍ୟ ସାଧନରେ ପ୍ରବନ୍ଧଗୁଡ଼ିକ ସଫଳକାମ। ସମକାଳୀନ ସାରସ୍ୱତ ଆନ୍ଦୋଳନଗୁଡ଼ିକ ତାଙ୍କ ରଚନାରେ ଉପଯୁକ୍ତ ଦିଗ୍‌ଦର୍ଶନ ଲଭିଛନ୍ତି। ବିଜୁଳି-ଇନ୍ଦ୍ରଧନୁ କଳହ ପ୍ରେକ୍ଷାପଟରେ ଆଧୁନିକ ସାହିତ୍ୟର ପକ୍ଷ ସମର୍ଥନ କରି ସେ ଲେଖିଛନ୍ତି- 'କବି ଉପେନ୍ଦ୍ର ଭଞ୍ଜ ଓ ଗୋଟିଏ ଉତ୍ତର' ଶୀର୍ଷକ ପ୍ରବନ୍ଧ। ଶିକ୍ଷା ସଂସ୍କାର ଉଦ୍ଦେଶ୍ୟରେ ଶିକ୍ଷା, ବାଲ୍ୟଶିକ୍ଷା, ସ୍ତ୍ରୀ ଶିକ୍ଷା ପ୍ରବନ୍ଧ ରଚିତ। ସ୍ୱାଧୀନ ଚିନ୍ତା, ସ୍ୱାଧୀନତା, ରାକ୍ଷସୀଲୀଳା, ମହାସ୍ରୋତ, ହିତବାଦ ନୀତି ପ୍ରଭୃତି ପ୍ରବନ୍ଧ ସମାଜ ଜୀବନ ଓ ଧର୍ମୀୟ ଜୀବନର କୁସଂସ୍କାରକୁ ଦୂରୀଭୂତ କରି ଏକ ସ୍ୱଚ୍ଛ ଶୁଭ୍ର ସୃଷ୍ଟିର ବାର୍ତ୍ତା ପ୍ରଦାନ କରିଛି। ସାହିତ୍ୟ ଓ ଭାଷାର ସମୃଦ୍ଧି ପାଇଁ ସେ ଅନେକ ପ୍ରବନ୍ଧ ରଚନା କରିଛନ୍ତି। ଓଡ଼ିଆ ସାହିତ୍ୟରେ ସଂସ୍କାରାଚ୍ଛନ୍ନ ଦୃଷ୍ଟିଭଙ୍ଗୀ ଓ ଚିନ୍ତାପିଣ୍ଡିତ ମନସ୍ୱିତାର ପ୍ରଥମ ଉଚ୍ଚାଙ୍ଗ ପ୍ରବନ୍ଧ ପୁସ୍ତକ ରୂପେ 'ବିବିଧ ପ୍ରବନ୍ଧ'କୁ ସମ୍ମାନ ଦେବାରେ ଅସଙ୍ଗତି କିଛି ନାହିଁ।

*୬୭, ସରସ୍ୱତୀ କୁଞ୍ଜ, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର*
*ମୋ: ୯୪୩୭୨୫୬୧୭୬*

ସ୍ମରଣୀୟ

# ମନଗହ୍ବର



ନନ୍ଦିନୀ ଶତପଥୀ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥା ସାହିତ୍ୟରେ ଏକ ଚର୍ଚ୍ଚିତ ନାମ। ରାଜନୀତି ଓ ସମାଜସେବାରେ ଚିରଚଞ୍ଚଳା ନନ୍ଦିନୀ ବ୍ୟସ୍ତବହୁଳ ଜୀବନରୁ ଫୁରୁସତ୍ କାଢ଼ି ଯେଉଁ ଗଳ୍ପ, କବିତା ଓ ଚିନ୍ତାନିଷ୍ଠ ନିବନ୍ଧ କତିପୟ ଲେଖିଯାଇଛନ୍ତି, ତାହା ତାଙ୍କୁ ତାଙ୍କ ସମକାଳର ଓଡ଼ିଆ ସାହିତ୍ୟରେ ଅଶେଷ ସମ୍ମାନର ଅଧିକାରିଣୀ କରିଛି। ମହାଶ୍ୱେତା ଦେବୀ, ଅମୃତାପ୍ରୀତମ୍ ଓ ତସ୍ଲିମା ନାସ୍ରିନ୍‌ଙ୍କ ବହୁପଠିତ କୃତି ତାଙ୍କ ଅନୁବାଦରେ ଜୀବନ୍ୟାସ ପାଇ ଉଠିଛି ସୃଜନର ଅନନ୍ୟତାରେ। ୯ ଜୁନ୍ ୧୯୩୧ରେ କଟକରେ ଜନ୍ମିତ ଏହି ମହୀୟସୀ ଲେଖିକାଙ୍କର ପରଲୋକ ଘଟିଛି ୪ ଅଗଷ୍ଟ ୨୦୦୬ରେ ଭୁବନେଶ୍ୱରରେ।

ଆଖିରେ ତା'ର ସ୍ୱପ୍ନ ଭରିରହିଥିଲା- ଆଉ ମନରେ ଥିଲା ମଧୁ। କେତେ ରଙ୍ଗିନ୍ କଳ୍ପନା ପ୍ରାଣ ପୁଲକାଇ, ଦେହ ଉଲୁସାଇ ଦେଇ ଚାଲିଯାଉଥିଲା। ସେ ଚାହିଁରହିଥିଲା- ଅପେକ୍ଷା କରିଥିଲା- ଆଶା ତା'ର ପୂରଣ ହେବ ଦିନେ ନିଶ୍ଚୟ, ଆଜି ହେଉ ବା କାଲି ହେଉ! ଶୀଘ୍ର ଅଥବା ବିଳମ୍ବରେ ହେଉ, ସ୍ୱପ୍ନ ତା'ର ବାସ୍ତବ ହେବ ହିଁ ହେବ।

ସମୟ ଗଡ଼ିଯାଇଛି। କେତେ ଶୀତ, କେତେ ଗ୍ରୀଷ୍ମ ଆଉ ବର୍ଷା ଅତୀତ ହୋଇଯାଇଛି। ବସନ୍ତ ବି ଆସିଛି ଗୋଟାକ ପରେ ଗୋଟାଏ ବର୍ଣ୍ଣିଳ ରୂପ ଧରି। ନିମ୍ବଗଛର ପତ୍ର କେତେଥର ଝରି ପୁଣି କେତେଥର ସବୁଜ ପତ୍ରରେ ଭରିଗଲାଣି। ନିମ୍ବଫୁଲର ଗନ୍ଧରେ ପବନ ପୂର୍ଣ୍ଣ ହୋଇଛି କେତେଥର। ପୁଣି ସେହି ଗନ୍ଧ ଯାଇ କେତେ ନୂଆ ଗନ୍ଧ ତା'ର ସ୍ଥାନ ପୂରଣ କରିଛି।

କେତେ ଘରର କାନ୍ଥରୁ ଚୂନ ସୁର୍‌କି ଖସିପଡ଼ିଲାଣି, ଜମିଗଲାଣି ଶିଉଳି। ଠାଏ-ଠାଏ ଶିଶୁ ଅଶ୍ୱତ୍ଥ ଗଛ କାନ୍ଥ ଭିତରୁ ଉଙ୍କିମାରୁଛି। ପୁଣି କେତେ କେତେ ନୂଆ ଘର ନୂଆ ଢଙ୍ଗରେ ମୁଣ୍ଡ ଟେକିଲାଣି। କେତେ ପୁରୁଣା ଘରେ ନୂଆ ଚୂନର ପ୍ରଲେପ ଲାଗି ତାକୁ ନୂତନତ୍ୱ ଦେବାର ପ୍ରୟାସ କରାଯାଇଛି।

ଏତିକି ବି ହୁଏତ ତା' ପାଇଁ ଯଥେଷ୍ଟ ହୋଇଥାନ୍ତା। ପୁରୁଣା ତା'ର ଏଇ ଦେହଟାରେ କେହି ତେବେ ଆଉ ଆସିଲେନି ନୂତନ ରଙ୍ଗ-ସମ୍ଭାରର ସ୍ୱର୍ଶ ଦେବାକୁ! ଅତ୍ୟନ୍ତ ଭାରି ମୁଣ୍ଡଟାକୁ ଥରକ ପାଇଁ ଉଠାଇ ଆଗକୁ ଦୃଷ୍ଟି ନିକ୍ଷେପ କଲା ବାସନ୍ତୀ।

**ପରଦିନ ସୂର୍ଯ୍ୟ ଡେଇଁ ଡେଇଁ ସମୁଦ୍ର ଭିତରୁ ଯେତେବେଳେ ଉଠି ଆସିଲା, ସେତେବେଳେ ମଧ୍ୟ ବାସନ୍ତୀର ଝରକା ବନ୍ଦ ଥିଲା। କଅଁଳ ଖରା ଝରକା ଉପରେ ଲୋଟି ଲୋଟି ଫେରିଗଲା। ସବୁଦିନ ଭଳି ଝରକା ଫିଟାଇ କେହି ଆଉ ତାକୁ ଭିତରକୁ ଶଙ୍ଖୋଳି ନେଲା ନାହିଁ। ରଘୁ ସକାଳ ଚା' ନେଇ ଆସି କବାଟ ବନ୍ଦ ଦେଖି ଥରେ ଫେରିଗଲା।**

ସମ୍ମୁଖରେ ଅପାର ନୀଳ ପାରାବାର। ଲହରିର ବରଣମାଳା ଧରି ସେ କ'ଣ ତା'ରି ପରି ବାରମ୍ବାର କୂଳରେ ମଥା ପିଟି ଫେରିଯାଉଛି ହତାଶ ହୋଇ! ଆହା, କେଉଁ ପ୍ରିୟର ପ୍ରତୀକ୍ଷାରେ ଅଛି ଏଇ ସାଗର! ଆହୁରି ଆଗକୁ ଦୃଷ୍ଟିନିକ୍ଷେପ କଲେ ଦେଖାଯାଏ, ଉଚ୍ଛ୍ୱସିତ ସାଗରର ଏକ ପ୍ରଶାନ୍ତ ମୂର୍ତ୍ତି। ଆକାଶ ତାକୁ ସ୍ୱର୍ଶ କରିଛି ଦିଗନ୍ତରେ। ସେଠି ଆକାଶ ଶାନ୍ତ ; ଆଉ ଶାନ୍ତ ଏଇ ସାଗର।

ତେବେ କ'ଣ ଆଜିଯାଏଁ ବାସନ୍ତୀର ଉଚ୍ଛ୍ୱାସ ଶାନ୍ତ ହୋଇନାହିଁ? ଏତେ ଗଭୀର ହତାଶା କ'ଣ ତା'ର ଦେହ-ମନକୁ ପ୍ରଶାନ୍ତ କରିପାରିନାହିଁ? ବୋଧହୁଏ ନା! ସେଇଥିପାଇଁ ବୋଧହୁଏ ତା' ପାଇଁ ମିଳନର ଦିଗନ୍ତ ଆଜି ବହୁ ଦୂରରେ!

ଖୋଲା ଝରକା ବାଟେ ସୂର୍ଯ୍ୟର କଅଁଳ କିରଣ ଆସି ବାସନ୍ତୀର ରଙ୍ଗିନ୍ ବିଛଣା ଚାଦର ଉପରେ ନାଚିବାକୁ ଆରମ୍ଭ କଲାଣି। ସବୁଦିନ ପରି ଘରଚଟିଆ ଦୁଇଟା ମଧ୍ୟ ଥରକୁ ଥର ଝରକା ବାଟେ ଭିତର-ବାହାର ହେଉଛନ୍ତି ଖୁବ୍ ବ୍ୟସ୍ତଭାବରେ। ପ୍ରତିଥର ମୁହଁରେ ଅଛି କୁଟାଟିଏ ବା ଘାସ କେରାଏ। ଘର ବାନ୍ଧିବାର କି ପ୍ରବଳ ଆଗ୍ରହ ସାମାନ୍ୟ ପକ୍ଷୀ ଦୁଇଟାଙ୍କର! ପକ୍ଷୀ ଦୁଇଟାଙ୍କ କାର୍ଯ୍ୟକଳାପ ନିରୀକ୍ଷଣ କରୁ କରୁ ନିଜର ଅସାମର୍ଥ୍ୟରେ ଲଜ୍ଜିତ ପ୍ରାଣ ତା'ର ବିଳାପ କରିଉଠେ।

ଏଥର ରାସ୍ତାରେ ଲୋକ ଚଳାଚଳ ଆରମ୍ଭ ହୋଇଗଲାଣି ପୂରା ଦମ୍‌ରେ। ମଟର ଆଉ ସାଇକେଲ ରିକ୍ସାର ଶବ୍ଦ ଅବିରାମ ଭାବରେ କାନକୁ ଆଘାତ କରୁଛି। ପାଦଚଲା ଲୋକଙ୍କର ମଧ୍ୟ ଅଭାବ ନାହିଁ। ପାଖ ହୋଟେଲରୁ ଦଳ ଦଳ ଲୋକ, ସାନ ସାନ ପିଲା ଡେଇଁ ଡେଇଁ ଚାଲିଛନ୍ତି ବାଲି ଉପରେ ସମୁଦ୍ରସ୍ନାନ କରିବାକୁ। ସମୁଦ୍ର ବାଲିରେ ଗୋଡ଼ ଲମ୍ବାଇ ବସିଛନ୍ତି ନବଦମ୍ପତି- ହୁଏତ କେଉଁଠି ପ୍ରେମିକ-ପ୍ରେମିକା ମଧ୍ୟ। ପ୍ରାତଃଭ୍ରମଣ ସାରି କେହି କେହି ମଧ୍ୟ ଫେରିଆସୁଛନ୍ତି ହୋଟେଲକୁ ପ୍ରାତରାଶ ପାଇଁ। ବାପା ମା'ଙ୍କୁ ଛାଡ଼ି ଦୂରରେ ଦଉଡ଼ି ବୁଲୁଛନ୍ତି ସାନ ସାନ ପିଲାଗୁଡ଼ିକ- ମେଞ୍ଚାଏ ରଙ୍ଗିନ୍ ପ୍ରଜାପତି ସତେ କି! ଆହା, ଏମିତି ଗୋଟାଏ ପିଲା ଯଦି ପାଇଥାନ୍ତା ବାସନ୍ତୀ! ଏଇ ନିରୁଦ୍‌ବିଗ୍ନ ଅସରନ୍ତି ଦିନଗୁଡ଼ାକ ତ ଆଉ ଏତେ ବୋଝ ଭଳି ତା' ମୁଣ୍ଡ ଉପରେ ଝୁଲି ରହି ନ ଥାନ୍ତା!

ତଳୁ କେହି ଜଣେ ଭଦ୍ରଲୋକ ମୁଣ୍ଡ ଟେକି ଝରକା ଆଡ଼କୁ ଅନାଇଲେ। ଝରକାର ରେଲିଂ ଉପରେ ମୁହଁଟାକୁ ଜୋର୍‌ରେ ଚାପି ରଖି ବାସନ୍ତୀ ଚିହ୍ନିବାକୁ ଚେଷ୍ଟା କଲା।

'ଅପା, ଚା' ଆଣିଛି।' ବହୁ ପୁରାତନ ଭୃତ୍ୟ ରଘୁ ଟିପୟ ଉପରେ ଚା' ଜଳଖିଆ ରଖି ଡାକୁଛି। ତଳେ ବୋଧହୁଏ ଠିକା ଚାକରାଣୀଟା ବାସନ ମାଜିସାରି କୋଇଲା ଚୁଲା ଧରାଉଛି। ମେଞ୍ଚା ମେଞ୍ଚା ଧୂଆଁ ବାସନ୍ତୀର ଝରକାକୁ ଛୁଇଁ ନ ଛୁଇଁ ପବନରେ ବିପରୀତ ଦିଗକୁ ଭାସିଯାଉଛି।

ରଘୁ ଅପେକ୍ଷା କରି ରହିଛି। ତାକୁ ନ କହିବାଯାଏଁ ସେ ତଳକୁ ଓହ୍ଲାଇଯିବ ନାହିଁ। କେତେଦିନର ପୁରୁଣା ଚାକର! ଏଇକ୍ଷଣି ତ ଏ ଘରର ମାଲିକ ସେଇ କହିଲେ ଚଳେ। ତେଲ-ଲୁଣର ବ୍ୟବସ୍ଥାରେ ବାସନ୍ତୀ କେବେ ତ ମୁଣ୍ଡ ପୂରାଇ ନ ଥିଲା, ଆଜି ମଧ୍ୟ ରଘୁ ଯୋଗୁ ସେଥିରୁ ସେ ନିସ୍ତାର ପାଇଛି।

ବାସନ୍ତୀର ମନ କିପରି ଏକ ଅଦ୍ଭୁତ ମମତାରେ ଭରିଗଲା। ମୁହଁ ଫେରାଇ କହିଲା, "ଠିଆହୋଇ ରହିଲୁ କିଆଁ ରଘୁ, ତଳକୁ ଯା!"

"ତୁମର ତ ଆଉ କିଛି ଦରକାର ନାହିଁ, ଅପା?"

ବାସନ୍ତୀ କହିଲା, "ଆଚ୍ଛା ରଘୁ, ତତେ କେତେଥର କହିଛି ନା- ଅପା ନ ଡାକି ମତେ ଏଥର ମା' ଡାକିବୁ? ମୁଁ ତ ଘରର ସର୍ବେସର୍ବା!"

"ସେ କଥା ସତ ଯେ ଅପା, ତେବେ କ'ଣ କି, ଜିଭ ଲେଉଟେ ନାଇଁ। ସାଆନ୍ତଙ୍କ ଅମଳରୁ ତ ଏଇ ଡାକ ଡାକିଆସିଛି।"

ବାସନ୍ତୀ ଖାଇବାରେ ମନ ଦେଲା। ଟୋଷ୍ଟ ଉପରେ ଲହୁଣି ବୋଳି କପ୍‌ରେ ଚା' ଢାଳିଲା। ଦୁଇ ସେକେଣ୍ଡ ତା'ର କାର୍ଯ୍ୟକୁ ଲକ୍ଷ୍ୟ କରି ଧୀରେ ଧୀରେ ତଳକୁ ଓହ୍ଲାଇ ଚାଲିଗଲା ରଘୁ।

ଏଥର ମନକୁ ମନ ହସିଉଠିଲା ବାସନ୍ତୀ। ଅକାରଣେ ଏଣୁତେଣୁ ଭାବି ଭାବି ସକାଳୁ ମନଟାକୁ ଭାରାକ୍ରାନ୍ତ କରିରଖିଛି ସେ। କ'ଣ ବା ତା'ର ଅଭାବ! ଶିକ୍ଷାଦୀକ୍ଷାର ଅଭାବ ନାହିଁ। ବୟସ ଚାଳିଶ ଛୁଇଁବ ଛୁଇଁବ ହେଲେ ମଧ୍ୟ ଯୌବନ ଯେପରି ତା'ଠାରୁ ବିଦାୟ ନେବାକୁ ସମ୍ପୂର୍ଣ୍ଣ ଅନିଚ୍ଛୁକ। ଆଉ ଧନ-ସମ୍ପତ୍ତି? ବାପା ତାକୁ ଯାହା ଦେଇଯାଇଛନ୍ତି, ବସିଖାଇଲେ ନଈବାଲି ସରେ କଥାଟା ସେଠି ମିଛ ହୋଇଯିବ। ଅଧାପିଆ ଚା' କପ୍‌ଟାକୁ ଧରି ଡ୍ରେସିଂ ଟେବୁଲର ବଡ଼ ଦର୍ପଣଟା ସାମ୍ନାରେ ଆସି ଠିଆହେଲା ସେ। କାନମୂଳେ ଗୋଟାଏ ଦୁଇଟା ବାଳ ପାଚିବାକୁ ଆରମ୍ଭ କଲାଣି; କିନ୍ତୁ ବାଳର ମସୃଣତା ଟିକିଏ ବି ନଷ୍ଟ ହୋଇନାହିଁ। ଆଖିତଳେ କଳାଦାଗଟା କ୍ରମେ ଅଧିକ ସ୍ପଷ୍ଟ ହେବାକୁ ଲାଗିଲାଣି ସତ; କିନ୍ତୁ ଏଇ ଦୁର୍ଭାବନାଗୁଡ଼ାକ ଦୂର କରିଦେଲେ ତା' ହୁଏତ ଛାଏଁ ଛାଏଁ କମିଯିବ।

ଚା' ଶେଷ କରି ଖୁବ୍ ତରତର ହୋଇ ବାଥ୍‌ରୁମ୍‌ରେ ପଶିଗଲା ବାସନ୍ତୀ। ଅନେକ ଦିନ ହେଲା ଦେହକୁ ସେ ଅବହେଳା କରିଛି। ପ୍ରସାଧନ ଆଡ଼େ ଆଦୌ ମନ ଦେଇନାହିଁ। ଡ୍ରେସିଂ ଟେବୁଲଟା ଉପରେ ଅବହେଳିତ ହୋଇ ପଡ଼ିରହିଛି ସମସ୍ତ ପ୍ରସାଧନ ସାମଗ୍ରୀ। ତା' ଦେହଟା ତ ତା'ରି-ତାକୁ କାହିଁକି ସେ ଅକାରଣେ ଅବହେଳା କରୁଛି!

ସମସ୍ତ ଲାଭେଣ୍ଡର ଶିଶିଟାକୁ ଢାଳିଦେଲା ବାଥ୍-ଟବ୍ ଭିତରେ। ବହୁ ସମୟ ଧରି ସାବୁନ ଘଷିହୋଇ ଥଣ୍ଡାପାଣି, ଗରମ ପାଣିରେ ସ୍ନାନ ଶେଷ କଲା। ମୁଣ୍ଡରେ ଶାମ୍ପୁ ଲଗାଇ ଲମ୍ବା ରେଶମୀ କେଶକୁ ପିଠିଆଡ଼େ ଝୁଲାଇଦେଲା। ଶଙ୍ଖଧବଳ ଗ୍ରୀବା ଆଉ ଦେହ ଉପରେ ଯେତେବେଳେ ସେ ସୁଗନ୍ଧ ଟାଲକମ୍ ପାଉଡ଼ର ଅଜାଡ଼ି ଚାଲିଥିଲା, ସେତେବେଳେ କିପରି ଏକ ଅଜଣା ପୁଲକରେ ମତୁଆଲା ହୋଇଉଠୁଥିଲା ତା'ର ମନ।



ବାଛି ବାଛି ଟ୍ରଙ୍କ ଭିତରୁ ଏକ ଗାଢ଼ ନୀଳ ରଙ୍ଗର ଶାଢ଼ି କାଢ଼ିଲା ସେ। ଧଡ଼ିର ରୁପେଲି ଜରି ଏବେ ବି ନୂଆ ଭଳି ଚକ୍‌ଚକ୍ କରୁଛି। ଠିକ୍ ସେହିଭଳି ଏକ ଚୋଲି ବି କାଢ଼ି ରଖିଲା। ମାଆର ଗହଣା ବାକ୍ସ ବାପା ତାକୁ ଦେଇଯାଇଥିଲେ ବି ଆଜିପର୍ଯ୍ୟନ୍ତ କେବେ ଥରେ ତାହା ଖୋଲି ଦେଖିବାର ଇଚ୍ଛା ତା'ର ହୋଇନାହିଁ। ଆଜି ହଠାତ୍ ସେହି ନାଲି ଭେଲଭେଟ୍ ବାକ୍ସଟି ଉପରେ ସେ ଥରେ ସ୍ନେହରେ ହାତ ବୁଲାଇ ଆଣିଲା। ତା' ପରେ ବାଛି ବାଛି ଦୁଇଟା ମୁକ୍ତାବସା କଙ୍କଣ, ହାର ଆଉ କାନଫୁଲ କାଢ଼ି ଆଣିଲା ସେ। ସମସ୍ତ ସାଜସଜ୍ଜା ଶେଷ କରି ଆଖିରେ ଦୁଇ ଗାର ସୁରମା ଯେତେବେଳେ ଟାଣିସାରିଲା, ସେତେବେଳେ ନିଜର ପ୍ରତିବିମ୍ବକୁ ଦର୍ପଣରେ ଦେଖି ସେ ମୁହୂର୍ତ୍ତକ ପାଇଁ ସ୍ତବ୍ଧ ହୋଇଗଲା। ନିଜେ ଏତେ ସୁନ୍ଦର ବୋଲି ଆଗରୁ କାହିଁ କେବେ ତ ସେ ଅନୁଭବ କରିନାହିଁ!

ଏଥର ପୁଣି ସେହି ଝରକା ଦେଇ ବାହାରକୁ ଚାହିଁ ରହିବାର ପାଳି। ଅତ୍ୟନ୍ତ କର୍ମହୀନ ନିରୁଦ୍‌ବିଗ୍ନ ଜୀବନ ଇଏ। ଆଃ-ବଡ଼ ଅସହ୍ୟ! ଦୀର୍ଘନିଃଶ୍ୱାସ ପକାଇଲା ବାସନ୍ତୀ। ଏତେ ସାଜସଜ୍ଜା ପରେ ତାକୁ ଯଦି ଯିବାକୁ ହେଉଥାନ୍ତା ସ୍କୁଲକୁ ଅଥବା ଅଫିସ୍‌କୁ ନିଜର ଜୀବିକା ଅର୍ଜନ ପାଇଁ, ତେବେ କ'ଣ ସେ ଖୁସି ହୁଅନ୍ତା! ରୀନା, ପ୍ରମିଳା ପ୍ରଭୃତିଙ୍କୁ ସେ ଦେଖିଛି। ଖଟି ଖଟି ସେମାନେ କ୍ଲାନ୍ତ ହୋଇ ନିଜ ଭାଗ୍ୟକୁ ନିନ୍ଦନ୍ତି ଓ ବାସନ୍ତୀର ଭାଗ୍ୟକୁ ଈର୍ଷା କରନ୍ତି। ତା'ର ତ ଏଇ ସାଜସଜ୍ଜାକୁ ତାରିଫ୍ କରିବା ପାଇଁ କେହି ଲୋକ ନାହାନ୍ତି! ଅଥଚ କ'ଣ ବା ରୂପ ରୀନାର, ଆଉ କି ଆଲୁରୁବାଲୁରୁ ଢଙ୍ଗ ପ୍ରମିଳାର! କିନ୍ତୁ ସେମାନେ ଆଜି ସ୍ୱାମୀସୋହାଗିନୀ, ସନ୍ତାନର ଜନନୀ। ଅଥଚ ସେ ନିଜେ? ରୂପ, ଧନ, ଶିକ୍ଷା ସବୁ ଥାଇ ବି କିଛି ନାହିଁ ତା'ର।

ପୁଣି ଥରେ ଘୂରି ଘୂରି ମନ ପହଞ୍ଚିଲା ଯାଇ ପୁରୁଣା ଭାବନାରେ। କିଛି କ୍ଷଣ ପୂର୍ବରୁ ଯେଉଁ ଭାବନାକୁ ଝାଡ଼ିଝୁଡ଼ି ଦେଇ ନୂତନ ଆବେଗ ଆଉ ଉଚ୍ଛ୍ୱାସରେ ସେ ନିଜକୁ ସଜାଉଥିଲା, ସେଇ ଭାବନାର ଭୂତ କେତେବେଳେ ପୁଣି ତା'ର ଅଜାଣତରେ ତା' ଉପରେ ସବାର ହୋଇଯାଇଛି।

ରେଲିଂ ଆରପଟେ ଚିରପରିଚିତ ନୀଳ ସାଗର ଦୂରକୁ ଦୂରକୁ ଲମ୍ବିଯାଇଛି, ଯେଉଁଠିକି ଆଖି ପାଏନା। ସାଗର ସାଙ୍ଗରେ କ'ଣ ଭସାଇ ଦେଇ ହୁଏନା ଏହି ଅମାନିଆ ମନକୁ! ତା' ହେଲେ ତ କେବେ କେଉଁଠି କେତେ ଯୁଗ ପରେ ସେ ସ୍ୱର୍ଶ କରିପାରନ୍ତା ଦିଗନ୍ତକୁ!

ଖରା ଟାଣ ହୋଇଗଲାଣି। ସମୁଦ୍ରସ୍ନାନ ସାରି ଦଳେ ଦଳେ ଲୋକ ଫେରିଯାଉଛନ୍ତି ଓଦା ଲୁଗାରେ। ସଙ୍କୁଚିତା ତରୁଣୀଗଣ ବଡ଼ ବଡ଼ ଓଭର କୋଟ୍, ମୋଟା ଶାଢ଼ି ଅଥବା ଚାଦରରେ ନିଜକୁ ଆବୃତ କରିବାକୁ ଚେଷ୍ଟା କରୁଛନ୍ତି। ପୁଣି କେଉଁଠି ନୋଳିଆ ସହିତ ପାରିଶ୍ରମିକ ନେଇ ଯୁକ୍ତିତର୍କ ଚାଲିଛି ଯାତ୍ରୀମାନଙ୍କର।

ଅଳ୍ପ ଦୂରରେ ସ୍ୱଳ୍ପ ପରିଚ୍ଛଦାବୃତ କେହି ଜଣେ ତରୁଣ ସ୍ନାନ ଉଦ୍ଦେଶ୍ୟରେ ଅଗ୍ରସର ହେଉଛି ସମୁଦ୍ର ଆଡ଼େ। ସମ୍ପୂର୍ଣ୍ଣ ଅନାବୃତ ଗୋରା ତକ୍‌ତକ୍ ପିଠିରେ ଖରା ପଡ଼ି ଚକ୍ ଚକ୍ କରୁଛି। ଚାଲିବାର ଭଙ୍ଗୀ ବେଶ୍ ଦୃପ୍ତ। ଦୁଇଟା ହାତ ଓ ଗୋଡ଼ର ଅନାବୃତ ଅଂଶ ବଳିଷ୍ଠତାର ବେଶ୍ ପରିଚୟ ଦିଏ। ହଠାତ୍ କ'ଣ ଭାବି ପଛକୁ ମୁହଁ ଫେରାଇଲା ବାସନ୍ତୀ। ଆପାଦମସ୍ତକ ପ୍ରତିବିମ୍ବିତ ହେଲା ଡ୍ରେସିଂ ଟେବୁଲର ଦର୍ପଣଟାରେ। ତା' ପରେ ଅତି ଲଘୁ ଚପଳ ପଦରେ ଗୋଟାକ ପରେ ଗୋଟାଏ ପାହାଚ ଅତିକ୍ରମ କରି ସେ ଓହ୍ଲାଇଗଲା ତଳକୁ; ତା' ପରେ କ୍ରମେ କ୍ରମେ ବାଲି ଉପରେ ଜୋର୍‌ରେ ପାଦ ଚଳାଇ ଚଳାଇ ଯୁବକର ଅତି ନିକଟକୁ।

ଠିକ୍ ତା'ର ପଛପଟେ ହଠାତ୍ ଆଣ୍ଠେଇପଡ଼ି ବାସନ୍ତୀ ଚିତ୍କାର କରି ଉଠିଲା, "ଆଃ, ମରିଗଲି!" ଆଣ୍ଠୁ ଉପରେ ମୁଣ୍ଡକୁ ରଖି ବସିପଡ଼ିଲା ସେ। ଯୋଜନା କାର୍ଯ୍ୟକାରୀ ହେଲା। ଆଗରେ ଚାଲିଥିବା ଯୁବକ ଅଟକିଯାଇ ପଛକୁ ଫେରି ଚାହିଁଲେ। ତା' ପରେ ସେ ମଧ୍ୟ ଆଣ୍ଠେଇ ପଡ଼ିଲେ ବାସନ୍ତୀର ଅତି ପାଖରେ। ତାଙ୍କର ନିଃଶ୍ୱାସ ବାସନ୍ତୀର କପୋଳ ସ୍ୱର୍ଶ କରୁଛି। ଆଉ ଟିକିଏ ପରେ ବୋଧହୁଏ ସେ ହାତ ବଢ଼ାଇଦେବେ ତା'ର ପାଦ ଆଡ଼କୁ।

ଅଧୀର ଆବେଗରେ ବାସନ୍ତୀ ଅପେକ୍ଷା କରୁଛି। ଆଣ୍ଠୁ ଉପରୁ ମୁଣ୍ଡ ଉଠାଇବାକୁ ସାହସ ହେଉନି। ତା'ର ସମସ୍ତ ଦେହରେ ଏକ ଅଦ୍ଭୁତ ଶିହରଣ।

"କ'ଣ ହେଲା ମୋତେ ଦେଖାନ୍ତୁ ତ?"

ଚମକିପଡ଼ି ବାସନ୍ତୀ ମୁଣ୍ଡ ଟେକିଲା। ଏ କାହାର ସ୍ୱର!

'ଅପା---' ଆଶ୍ଚର୍ଯ୍ୟ ହୋଇ ଡାକିଲା ସମ୍ମୁଖସ୍ଥ ଯୁବକ- ବାସନ୍ତୀର ବଡ଼ଭାଇର ପୁଅ ସୌମିତ୍ର।

"କ'ଣ ହେଲା ଅପା ତୁମର? ଏତେବେଳେ ଏଣେ କୁଆଡ଼େ ଯାଉଥିଲ? ଗାଧୋଇବାକୁ ତ ନୁହଁ ନିଶ୍ଚୟ!"

ବହୁ କଷ୍ଟରେ ନିଜକୁ ସମ୍ବରଣ କରି ପଦେ ମାତ୍ର କଥା କହିଲା ବାସନ୍ତୀ, "ସେ କିଛି ନୁହେଁ, ତୁ ଗାଧୋଇବାକୁ ଯା।" ତା'ପରେ ଛୋଟେଇବାର ଛଳନା କରି ସେ ଫେରିଆସଲା।

ବିସ୍ମୟବିମୂଢ଼ ସୌମିତ୍ର ଦଣ୍ଡେ ଅଟକି ତା'ର ଗତିପଥକୁ ନିରୀକ୍ଷଣ କଲା- ତା'ପରେ ଫେରିଚାଲିଲା ସମୁଦ୍ରଆଡ଼େ।

ସେ ଦିନ ସମସ୍ତ ସନ୍ଧ୍ୟାବେଳଟା ବାସନ୍ତୀ ବାହାରେ କଟାଇଲା। ରଘୁ ଏବଂ ଚାକରାଣୀଟି ଏହି ବ୍ୟତିକ୍ରମରେ ଟିକିଏ ଆଶ୍ଚର୍ଯ୍ୟ ହେଲେ। ରଘୁ ଯେତେବେଳେ ରାତିରେ ଖାଇବା ପାଇଁ ତାକୁ ଡାକିବାକୁ ଗଲା, ସେତେବେଳେ ଭିତରୁ କବାଟ ବନ୍ଦ କରି ଶୋଇଯାଇଛି ବାସନ୍ତୀ। ନିଦରେ ଶୋଇଥିଲେ ତାକୁ ଉଠାଇବା ପାଇଁ ତା'ର ମନା ଅଛି। ରଘୁ ଫେରିଆସିଲା ନିଃଶବ୍ଦରେ।

ପରଦିନ ସୂର୍ଯ୍ୟ ଡେଇଁ ଡେଇଁ ସମୁଦ୍ର ଭିତରୁ ଯେତେବେଳେ ଉଠି ଆସିଲା, ସେତେବେଳେ ମଧ୍ୟ ବାସନ୍ତୀର ଝରକା ବନ୍ଦ ଥିଲା। କଅଁଳ ଖରା ଝରକା ଉପରେ ଲୋଟି ଲୋଟି ଫେରିଗଲା। ସବୁଦିନ ଭଳି ଝରକା ଫିଟାଇ କେହି ଆଉ ତାକୁ ଭିତରକୁ ଶଙ୍ଖୋଳି ନେଲା ନାହିଁ। ରଘୁ ସକାଳ ଚା' ନେଇ ଆସି କବାଟ ବନ୍ଦ ଦେଖି ଥରେ ଫେରିଗଲା।

ଆଠଟା ବାଜିଲା; ଘଣ୍ଟାର କଣ୍ଟା ଆଗକୁ ଆଗକୁ ଚାଲିବାକୁ ଲାଗିଲା। ଉତ୍‌କଣ୍ଠା ବଢ଼ି ବଢ଼ି ଶେଷ ସୀମାରେ ପହଞ୍ଚିଲା। କବାଟ ଭାଙ୍ଗି ରଘୁ ଯେତେବେଳେ ଘର ଭିତରେ ପଶିଲା, ବାସନ୍ତୀ ତା'ର ବହୁ ପୂର୍ବରୁ ଏ ଜନକୋଳାହଳର ଅନେକ ଦୂରକୁ ଚାଲିଯାଇଛି।

ଧୀରେ ଧୀରେ କୌତୂହଳୀ ଜନତାର ଭିଡ଼ ବାସନ୍ତୀର ଘର ଭିତରେ ବଢ଼ିବାକୁ ଲାଗିଲା। ଚାକରାଣୀଟିକୁ ଘର ଦୁଆରମୁହଁରେ ବସାଇ ଦେଇ ରଘୁ ଧାଇଁଲା ବାସନ୍ତୀର ବଡ଼ଭାଇଙ୍କ ପରିବାରକୁ ଏ ଦୁଃସମ୍ବାଦ ଜଣାଇବା ପାଇଁ।

ଭାଇ-ଭାଉଜ ଖାଲି ନୁହେଁ- ବନ୍ଧୁବାନ୍ଧବ ବି ଆସିଲେ। ସବୁରି ମନରେ ଗୋଟିଏ ପ୍ରଶ୍ନ ଗୁଡ଼େଇତୁଡ଼େଇ ହୋଇ ବାରମ୍ବାର ଉଠୁଥିଲା-ବାସନ୍ତୀ ତା'ର ଏତେଗୁଡ଼ାଏ ସ୍ଥାବରାସ୍ଥାବର ସମ୍ପତ୍ତି କାହାକୁ ଦେଇଗଲା? ଯେଉଁ ଡାକ୍ତରଙ୍କୁ ରଘୁ ଡାକି ଆଣିଥିଲା, ସେ ମତ ଦେଇଗଲେ ଅତ୍ୟଧିକ ମାନସିକ ଉତ୍ତେଜନାବଶତଃ ତାଙ୍କର ମୃତ୍ୟୁ ଘଟିଛି।

ସମ୍ପୂର୍ଣ୍ଣ ନିର୍ବାକ୍ ହୋଇ ଦ୍ୱାରବନ୍ଧ ନିକଟରେ ଠିଆହୋଇଥିଲା ସୌମିତ୍ର। ସେ କ'ଣ ଯେପରି ଭାବିବାକୁ ଚେଷ୍ଟା କରି କିଛି ଭାବି ପାରୁନାହିଁ- ସବୁ ଗୋଳମାଳ ହୋଇଯାଉଛି। ଠିକ୍ ଏତିକିବେଳେ ତା' ମା'ଙ୍କ ସନ୍ଧାନୀ ଆଖି ଆବିଷ୍କାର କଲା ଟେବୁଲ ଉପରେ ସୌମିତ୍ରର ନାମଲେଖା ଏକ ଲଫାଫା। ତା' ଭିତରୁ କାଗଜଟା ଟାଣିଆଣି ସେ ଚିତ୍କାର କରି ଉଠିଲେ- 'ଆରେ, ବାସ୍ ଯେ ସବୁ ସୌମିତ୍ର ନାଁରେ ଉଇଲ୍ କରିଯାଇଛନ୍ତି!"

ମୃତା ପିଉସୀଙ୍କ ନୀଳାଭ ମୁଖମଣ୍ଡଳରେ ଶେଷ ଥର ପାଇଁ ଦୃଷ୍ଟିପାତ କରି ନିଃଶବ୍ଦରେ ଦ୍ୱାରବନ୍ଧ ନିକଟରୁ ଅପସରି ଯାଉଥିଲା ସୌମିତ୍ର।



# କ ବି ତା

## ବାପାଙ୍କ ସୁନାପିଲା

**ସଂଜୀବ କୁମାର ପଣ୍ଡା**

**ବା**ପାଙ୍କ ସୁନାପିଲା ଗୁରୁଣ୍ଡିବା, ଚାଲିବା ପରେ
ଉଡ଼ିବ ଉଡ଼ିବ ହେଲାଣି
ସେ ବଡ଼ ହେଉଚି
ହଁ, ସେ ହୋସିଆର ହେବାରେ ଲାଗିଛି।

ବାପାଙ୍କ ସୁନାପିଲା ନୂଆ ପୃଥିବୀଟେ ରଚେ
ଯେଉଁଠି ଆକାଶ ତା'ର, ସମୁଦ୍ର ତା'ର
ନଦୀ, ଝରଣା, ପାହାଡ଼, ପର୍ବତ
ଶସ୍ୟ ଶ୍ୟାମଳା ଧାନକ୍ଷେତ ବି ତା'ର
ତା' ପୃଥିବୀରେ ସୂର୍ଯ୍ୟ, ଚନ୍ଦ୍ରଙ୍କ ଆତଯାତ
ଗ୍ରହ ନକ୍ଷତ୍ରଙ୍କ ଭେଟଘାଟ।

ବେଳେବେଳେ ତା' ଜିଜ୍ଞାସୁ ଆଖି
ଅସମାହିତ ପ୍ରଶ୍ନ ପେଡ଼ି ଖୋଲେ
ବାପା ହୁଅନ୍ତି ଆକ୍ରାମାକ୍ରା
ପାଠ କଥା କିନ୍ତୁ ଦେହକୁ ଅସୁହା
ଲୁଚକାଳି ଖେଳରେ ବାପାଙ୍କୁ ବଳେ।

ଖେଳ ପାଇଁ ଚବିଶ ଘଂଟା ବି ଊଣା
ଲୁଡୁ, କ୍ୟାରମ୍, ଚେସ୍ ସବୁ ପବନ ହେଇ
ଫୁସ୍‌ଫୁସ୍ ଭିତରେ ପଶନ୍ତି
ରକ୍ତ ହେଇ ପ୍ରବାହିତ ହୁଅନ୍ତି ଧମନୀରେ
ପୁଣି ନିଗିଡ଼ି ପଡ଼ନ୍ତି ଲୁହ ହେଇ
ସେତେବେଳେ ପ୍ରିୟ ସାଙ୍ଗ ବାର୍ବି, ଟେଡି,
ଡୋରେମନ୍‌ମାନେ ପ୍ରବୋଧନ୍ତି
ଆରେ ପାଗେଳି,
ସେସବୁ ଗୋଟେ ଗୋଟେ ଖେଳଥିଲା।

ଇଚ୍ଛାମାନେ ଯେବେ ତାକୁ ଉସୁକାନ୍ତି
ଛବି ଆଙ୍କିବା ପାଇଁ
ସେ ବ୍ୟୟ କରିପାରେ ଦିସ୍ତେ କାଗଜ
ତା' ସୃଷ୍ଟିରେ ମାଛ ଉଡ଼ିପାରେ
ଫୁଲମାନେ ମୁର୍କି ହସନ୍ତି
ବହିପତ୍ର, ପେନ୍‌ସିଲ୍, ଜୋତା ସଭିଏଁ
ମଣିଷ ପରି ଦିଶନ୍ତି
ଜଙ୍ଗଲରେ ଗଛଲତା ବି କଥାଭାଷା ହୁଅନ୍ତି।

ଏବେ ସୁନାପିଲାର ସାଇକେଲରେ ମନ
ବାପା ତା' ପଛେପଛେ ଦଉଡ଼ି ନୟାନ୍ତ
କେବେକେବେ ପଦ୍ମଫୁଲିଆ ଓଠ ଯୋଡ଼େ ପଚାରେ
''ବାପା ତମେ ମୋ' ପଛେ କାହିଁକି ଦଉଡୁଛ ?''
ସେ କ'ଣ ଜାଣେ !
ସବୁ ଉଠାଣି ପଛରେ ବାପାଙ୍କ ଗୋଟେ ଶକ୍ତ ହାତ।

ବାପାମାନେ ହଁ ସେମିତି
ସୁନାପିଲାର ଡେଣାଯୋଡ଼େ ବଜର ନ ହେବାଯାଏଁ
ହାତ ଦୁଇଟି କୋଉଠୁ ଛାଡ଼ନ୍ତି ଯେ !

**ମୋ: ୯୬୫୮୭୧୫୨୨୬**

## ନିଆଁ

**ଲିପ୍‌ସା ପଟେଲ**

**ଅ**ନ୍ତୁଡ଼ିଶାଳରୁ ମଶାଣିଯାଏଁ
ଜଣେ ନିଶ୍ଚିତ ଭେଟିବ ନିଆଁକୁ
ମାଗିବ ତା'ର ଉଷ୍ମତାକୁ,
ଆଘ୍ରାଣ କରିବ...
ସେ ନିଆଁରେ ମହକୁଛି ଧୂପ
ଅବା ଜଳୁଛି କଞ୍ଚା ମାଂସ ଖଣ୍ଡ !

ନିଆଁର ବଦଳୁଥିବା ତାପମାତ୍ରା ସହ
ବଦଳିବ ଜୀବନର ଦୃଶ୍ୟପଟ
କେବେ ସେ ନିଆଁରେ
ହାତ ସେକିହେବ,
କେବେ ହାତ ଜଳିଯିବ,
ଏକ ଅସ୍ୱୀକୃତି ଭିତରେ
ଚାଲିଥିବ ଦହନ।

ନିଆଁ ଅଛି ବୋଲି
ହୋମ ହେଉଛି, ଯଜ୍ଞ ହେଉଛି,
ଭାତ ଫୁଟୁଛି, ଭୋକ ମେଣ୍ଟୁଛି,
ମଡ଼ ପୋଡୁଛି, ପାଉଁଶ ଢେର୍ ମିଳୁଛି।

କେତେ ଆଦିମ ଏଇ ନିଆଁ,
କେତେ ଉଦ୍ଦାମ ଏଇ ନିଆଁ,
ଏ ସବୁର ଆକଳନ ପୂର୍ବରୁ
ଏ ଦେହ ବି ଜଳି ସାରିଥିବ
ସେଇ ନିଆଁରେ।

ସରିସାରିଥିବ ଦାହ ଓ ଦହନର ଖେଳ।

**ମୋ: ୯୪୩୯୪୦୦୩୪୮**

## ଦାରିଙ୍ଗବାଡ଼ି: ରାତିଟିଏ

**ପ୍ରଶାନ୍ତ କୁମାର ମହାପାତ୍ର**

**ନୀ**ରବ, ନିସ୍ତବ୍ଧ
ଘନ ଅନ୍ଧକାର ଭିତରେ
ତା'ରି କୋମଳ ଛୁଆଁ...
ସତେ ଅବା କେଉଁ ଅପ୍‌ସରୀର
ନଗ୍ନ ଅଭିସାର।

ରୋମାଞ୍ଚିତ ତନୁ ମନ ମୋର
ସ୍ୱଚ୍ଛ ତୁଷାରର ରାତ୍ରିବାସ
ଭିତରେ ତା' ଉନ୍ମୁକ୍ତ ଅଙ୍ଗ ସୌଷ୍ଠବ
ଆମନ୍ତ୍ରଣ କରୁଥିଲା ମୋତେ।

ସେ ଯେତିକି ଯେତିକି ଶୀତଳତା ନେଇ
ଜାବୁଡ଼ି ଧରୁଥିଲା ମୋତେ
ମୁଁ ସେତିକି ସେତିକି ଉତ୍ତପ୍ତ
ହୋଇ ଉଠୁଥିଲି,
ବିଗଳିତ, ଘର୍ମାକ୍ତ ହେଉଥିଲି।

ସବୁଜ ପତ୍ର ଗହଳି ଭିତରୁ
ଆଖି ମାରି ଅଦୃଶ୍ୟ ହୋଇ ଯାଉଥିଲା ସେ,
ପୁଣି ଜ୍ୟୋତ୍ସ୍ନାର ଝଲକ ନେଇ
ଜାବୁଡ଼ି ଧରୁଥିଲା ମୋତେ।

ଧୀରେଧୀରେ ମୁଦ୍ରିତ ହୋଇଯାଉଥିଲା
ଚକ୍ଷୁ ମୋର...
ଆଉ ବି ମୋ' ଛାତିରେ
ମଥା ରଖି ଶୋଇଯାଉଥିଲା
ଅଳସୀ ମୋ' ପ୍ରିୟା-ଦାରିଙ୍ଗବାଡ଼ି।

**ମୋ: ୭୯୭୮୬୯୯୩୩୫**

## ମଶାଣି

**ପିନାକୀ ମିଶ୍ର**

**ମ**ଶାଣିକୁ ବି ମା' କହିପାର
କୋଳରେ ଧରି
ନେଇଯାଏ ବାପଘର।

ମଶାଣି ମନାକରେ ଲୁହ ଢାଳିବାକୁ
ଗଡ଼ିଗଲା ନଈ, ବହିଗଲା ବାଆ
ଖୋଜୁଛ କାହାକୁ !

ସଜ କଅଁଳିଆ ମଶାଣିର ଦୂବ
ସାତଘେରା ବୁଲିଆ ରେ ନାବାଳକ
ଖରାପିଠିକୁ ସେ ଆଉଁଶି ଦେବ
ଯହୁଁ ବଡ଼ହେବୁ ବାପ ମନେପଡୁଥିବ।

ଛାଇଦେଖି ବସିପଡ଼ ହେ ମାଲଭାଇମାନେ
ମନଭୁଲା ଦି'ପଦ କଥାରେ ପରସ୍ପରକୁ ବୋଧ ଦିଅ
ପବନ ପେଲୁଛି, ନିଆଁ ମାତିଛି
ବେଳହୁଡ଼ିଲେ ଫେରିଯାଅ ଅସ୍ଥାୟୀ ଘରକୁ
ବନ୍ଧନରୁ ତ ମୁକୁଳି ପାରିବନି ତମେସବୁ।

ମା' ମଶାଣି ଊଣା କରେନି, ସାନ୍ତ୍ୱନାର
ଶାଗୁଆ ସପ,
ପଦାସାରା ଅରମା କଣ୍ଟାଝଟା
ଅଲୋଡ଼ା ଅଛୁଆଁ ନୁହେଁ,
ଅଦିନ ଅସ୍ତକୁ କାରଣ ପୁଚ୍ଛିବା ମନା
ଦୁର୍ଭାଗାର ମଲାନଈରେ ଚୈତ୍ର ପାହାର
ଅଣଲେଉଟା ବିଡ଼ମ୍ବନା।

ହଁ, ମଶାଣି ତ ଶେଷ ଠିକଣା
ସେ ଦସ୍ୟୁ କି ଦେବତା
ଅନ୍ତୁଡ଼ିରୁ ଏତେ ଲମ୍ବା ରାସ୍ତା
ସରିବା ଆଗରୁ ସାରିଦେ ଦିଆଦେଇ ଚିଠା।

ସିଏ ଏମିତି ସେମିତି ମାଟି ନୁହେଁ
କୋକେଇ ଥୋଇଦେଲେ ପ୍ରେତଭୂମି ତୀର୍ଥ
ନାତି ପଣନାତି ଏଇବାଟେ ଗଲାବେଳେ କହିବେ-
ଆମ ପୂର୍ବଜଙ୍କ ସମାଧି
ବୋଧେ ଅଛନ୍ତି ଏଇଠି।

ଆକାଶକୁ ଅନେଇ ରହେ ମଶାଣିଫୁଲ
ଖରା ଆସେ, ବର୍ଷା ଆସେ, ଅନ୍ଧାର ବି ଆସେ
ଏ ମାଟିଘଟରେ ଖାଲି ଦୁଃଖ ଫଳେ ହୋ
ଶୂନ୍ୟରୁ ସବୁକିଛି ମିଳେ।

ମଶାଣି ଗୋଟେ ମେଳା ଦୁଆର
ମରଣ ଆଗରୁ ଟିକେ ପାଖରୁ ଦେଖ,
ପାଣି ଫାଟିଯିବ ଅର୍ଜିଲା ବହପ
ରଖ ତୁମର ଆଉଜା କବାଟ, ପଲଙ୍କ ସୁଖ।

**ମୋ: ୯୪୩୮୧୧୮୩୯୭**

## ଗୀତି-କବିତା

## ମହକ ସ୍ମୃତି-ଫୁଲର

**ନିରଞ୍ଜନ ସାହୁ**

**ତୁ**ମେ ଯେତେବେଳେ ମନେ ପଡ଼ିଯାଅ
ଜୀବନ ରଂଗିନ ଲାଗେ
ପରାଣରେ ମୋର ସରସତା ଭରେ
ସବୁ ତୁଚ୍ଛ ତୁମ ଆଗେ ॥୦॥

ତୁମରି ସ୍ମୃତିରେ ବିଭୋର ହୁଏ ମୁଁ
ପଛକୁ ଯାଏ ତ ଫେରି
ସେଦିନ ଘଟଣା ସେଦିନ ସମ୍ପର୍କ
ମୋତେ ଯାଇଥା'ନ୍ତି ଘେରି

ସେହି ଶିହରଣ ସେହି ରୋମାଞ୍ଚକୁ
ତୁମକୁ ଆଜି ମୁଁ ମାଗେ ॥୧॥

ମନ ଅଗଣାରେ ତୁମ ସ୍ମୃତି-ଫୁଲ
ବାସୁଥାଏ ମହମହ
ଆଜି ବି ନିନ୍ଦୁକେ ନିନ୍ଦା କରୁଥା'ନ୍ତି
ଜଣେ ନୁହେଁ ଶହଶହ
ସେହି ଯନ୍ତ୍ରଣାକୁ ବୁଝାଇ ପାରୁନି
ତୁମକୁ ସଠିକ ବାଗେ ॥୨॥

ମୋ: ୯୯୩୮୭୪୧୫୮୩



# ପ୍ରେମ କଥା

ଅନୁବାଦ ଗଳ୍ପ

ମୂଳ ଗୁଜରାଟୀ: ଧୀରୁବହନ ପଟେଲ
ଅନୁବାଦ: ବୀଣାପାଣି ସାହୁ

*[ସୂଚନା: ଧୀରୁବହନ ପଟେଲଙ୍କ ଜନ୍ମ ଗୁଜରାଟର ବଡ଼ଦୋରାରେ, ୧୯୨୬ ମସିହାରେ। ସେ ଗୁଜରାଟୀ ଭାଷାର ଜଣେ ସଫଳ କାହାଣୀକାର, ନାଟ୍ୟକାର, ଔପନ୍ୟାସିକ ଭାବେ ବେଶ୍ ପରିଚିତ।]*



ମଣିକର୍ଣ୍ଣିକା ଘାଟରେ ସେମାନେ ପରସ୍ପର ସହ ଦେଖା ହୋଇଥିଲେ।

ବିଶ୍ୱାସ ମନରେ ରାଗର କୌଣସି ସୀମା ନ ଥିଲା। ପ୍ରଥମତଃ ତାକୁ ଏସବୁ କଥାରେ ବିଶ୍ୱାସ ନାହିଁ, ଦ୍ୱିତୀୟରେ ପତ୍ନୀକୁ ଏକୁଟିଆ ଛାଡ଼ି ଆସିବାକୁ ପଡ଼ିଲା। ସେଥିପାଇଁ ସେ ବହୁତ ଅସନ୍ତୁଷ୍ଟ ଥିଲା। ରାସ୍ତାର ଖାଦ୍ୟ ତାକୁ ଖାଇବାକୁ ପଡ଼ିବ ନାହିଁ ବୋଲି ଏଠାକୁ ଆସିବା ପରେ ପଣ୍ଡାଘରେ ଭୋଜନର ବ୍ୟବସ୍ଥା ହୋଇଥିଲା। ବିଶ୍ୱାସକୁ ଏସବୁ କଥା ଜମାରୁ ପସନ୍ଦ ନ ଥିଲା।

ଉଡ଼ାଜାହାଜରୁ ସଙ୍ଗେ ସଙ୍ଗେ ଓହ୍ଲାଇଥିବା ଇଂରେଜଠାରୁ ଅଧିକ ଘୃଣାରେ ସେ ଆଖପାଖର ଭକ୍ତିପ୍ଲାବିତ ଜନସମୁଦାୟକୁ ଦେଖୁଥିଲା ଓ ଜଳୁଥିବା ଜୁଇରୁ ଉଠୁଥିବା ଧୂଆଁରୁ ରକ୍ଷା ପାଇବା ପାଇଁ ଆଖିକୁ ରୁମାଲରେ ଆଚ୍ଛାଦିତ କରିଥିଲା। ଏତେ ଲୋକଙ୍କ ସମ୍ମୁଖରେ ଏପରି ଅପରିଷ୍କାର ପାଣିରେ ସ୍ନାନ କରିବା ତା' ପାଇଁ ଏକ ଲଜ୍ଜାକର କଥା ଥିଲା। ତାକୁ ଏପରି କାମ କରାଉଥିବା ଜନକ ରାୟ ଓ ମଙ୍ଗଳା ତା'ର ପିତା ଓ ମାତା ଥିଲେ। ଏହି କଥାକୁ ସେ କିଛି ସମୟ ପାଇଁ ଭୁଲିଯିବାକୁ ଚେଷ୍ଟା କରୁଥିଲା।

'କେତେ ଅନ୍ଧ ଓ ଅଜ୍ଞାନତାରେ ପୂର୍ଣ୍ଣ ବିଶ୍ୱାସ'- ଏହା ଭାବି ସେ ମନକୁ ମନ ଦୁଃଖୀ ହେଉଥିଲା। ମଧ୍ୟାହ୍ନ ସମୟ ଥିଲା ଆଉ କ୍ରମେ ଲୋକମାନଙ୍କର ପାଟିତୁଣ୍ଡ ବଢ଼ିବାରେ ଲାଗିଲା।

'ଯଜମାନ ରାଜାଙ୍କର ଜୟ ହେଉ'- ଏହା କହି ଜଣେ ବ୍ରାହ୍ମଣ ତା' ମୁଣ୍ଡରେ ଚନ୍ଦନ ଲଗାଇବାକୁ ଆସିଲା। ବିଶ୍ୱାସର ଇଚ୍ଛା ହେଉଥିଲା ତାକୁ ଏକ ଶକ୍ତ ଚଟକଣି ପକାଇବ। କୌଣସି ପ୍ରକାରେ ହାତକୁ ସମ୍ଭାଳି ସେ ବଡ଼ ଆଖି କରି ବ୍ରାହ୍ମଣକୁ ଚାହିଁଲା। ବ୍ରାହ୍ମଣ ମଧ୍ୟ ବହୁତ ଜିଦିଆ ଥିଲା। ସେ ପଚାରିଲା- 'ବାବୁ କେଉଁଠାରେ ରହିବେ?'

'ନର୍କରେ', ଧୀର ସ୍ୱରରେ ଏକଥା କହି ବିଶ୍ୱାସ ତାକୁ ପଛ କରିଦେଲା। ମଙ୍ଗଳା କେଉଁଠାରେ ଅଛି, ଦେଖାଯାଉ ନ ଥିଲା। ବ୍ରାହ୍ମଣ ଏହି ଅସ୍ପଷ୍ଟ କଥାକୁ ନ ଶୁଣିଲା ପରି ସେଠାରେ କିଛି ସମୟ ଛିଡ଼ା ହୋଇ ରହିଲା। ଶେଷରେ ସେ ମଧ୍ୟ ସେଠାରୁ ଚାଲିଗଲା।

ମଙ୍ଗଳାକୁ ନେଇ କରି ଆସିବାର ଦାୟିତ୍ୱ ବିଶ୍ୱାସ ଉପରେ ନ୍ୟସ୍ତ କରି ଜନକ ରାୟ ଅନେକ ସମୟ ଆଗରୁ ରହିବା ସ୍ଥାନକୁ ଫେରିଗଲେଣି। ହୁଏତ ସେ ମଧ୍ୟାହ୍ନଭୋଜନ କରିବାକୁ ବସି ଯାଇଥିବେ।

ଏପରି ଚିନ୍ତା ବିଶ୍ୱାସର ମନକୁ ଆସିବାକ୍ଷଣି ତା'ର କ୍ରୋଧ ଆହୁରି ବଢ଼ିଗଲା। ଏ ଦୁନିଆର ନିୟମ ଦେଖ। ସେ ନିଜ କାମ ଛାଡ଼ି ଏମାନଙ୍କୁ ତୀର୍ଥଯାତ୍ରା କରାଇବା ପାଇଁ ବାହାରିଥିଲା, ଏକଥାର ତିଳେମାତ୍ର ଆଭାସ ସେମାନଙ୍କ ମନରେ ନ ଥିଲା। ଅନ୍ୟ ଧରଣର ମା' ହୋଇଥିଲେ ଦୁଇଦିନ ମଧ୍ୟରେ ନିଜ ସନ୍ତାନକୁ ଗରମ ଖାଦ୍ୟ ବାଢ଼ି ଦେଇଥା'ନ୍ତା। ମାତ୍ର ଇଏତ ଦେବ-ଦର୍ଶନ ଓ ନଦୀ-ନାଳରୁ ନିଜକୁ ମୁକ୍ତ କରିପାରୁ ନାହିଁ।

ବାପା ମଧ୍ୟ ଠିକ୍ ସେମିତି। ସେ କାହିଁକି ମା'ଙ୍କୁ ଆଦେଶ ଦେଉନାହାନ୍ତି ଯେ ଦିନରେ ଦୁଇଥର ନ ହେଲେ ମଧ୍ୟ ଥରେ ରୋଷେଇ କରିବା ଉଚିତ। ସତକଥା କହିବାକୁ ଗଲେ ମା'ଙ୍କୁ ବିଶ୍ୱାସର ଲୁଗାପଟା ସଫା କରିବାର ଥିଲା। ଏପରି ଲୋଚାକୋଚା ଅପରିଷ୍କାର ଲୁଗା ପିନ୍ଧି କ'ଣ ବୁଲିବାକୁ ଆସନ୍ତି?

ସତେଯେପରି ସମୟ ସ୍ଥିର ହୋଇ ଯାଇଥିଲା ଓ ସୂର୍ଯ୍ୟଙ୍କ ଉତ୍ତାପ ବଢ଼ି ଚାଲିଥିଲା। ଭୋକ ଓ ଶୋଷରେ ଆଉଟୁପାଉଟୁ ହୋଇ ବିଶ୍ୱାସ ଭାବୁଥିଲା ଯଦି ଏବେ ସେ ମଙ୍ଗଳାକୁ ଦେଖନ୍ତା, ତେବେ ଏଣୁତେଣୁ କଥା ଶୁଣାନ୍ତା। ମାତ୍ର ସେ ଥକି ଯାଇଥିଲା। ଗାଧୁଆ ସାରି କେତେଲୋକ ଗଲେଣି। ଚାଦର ଉଠାଇ ହାତରେ ଚନ୍ଦନ ଗିନା ଧରି କେତେ ବ୍ରାହ୍ମଣ ମଧ୍ୟ ସେ ସ୍ଥାନରୁ ଚାଲିଗଲେଣି, କିନ୍ତୁ ମଙ୍ଗଳାର କୌଣସି ଚିହ୍ନବର୍ଣ୍ଣ ନ ଥିଲା।

ହଠାତ୍ ତା' ମନକୁ ଗୋଟିଏ ଚିନ୍ତା ଆସିଲା। ଯାହା ହେଲେ ଏଇଟା ଗୋଟିଏ ତୀର୍ଥସ୍ଥଳ। ସେ ଆଉ କେଉଁଠାରେ ହଜିଯାଇନି ତ? ଏଠାରେ ଲୋକମାନଙ୍କର ଅସମ୍ଭବ ଭିଡ଼। ଆଉ ସେ ବିଚାରୀ ପ୍ରଥମଥର ପାଇଁ ନିଜ ଘର ଛାଡ଼ି ବାହାରକୁ ଆସିଛି। ବିଶ୍ୱାସ ଦେହରୁ ଝାଳ ବାହାରିଗଲା। ସେ ବିଚଳିତ ଅବସ୍ଥାରେ ଲୋକମାନଙ୍କ ଗହଳି ମଧ୍ୟରେ ତାକୁ ଖୋଜିବାକୁ ଲାଗିଲା। ତାକୁ ହିନ୍ଦୀରେ କଥା ହେବା ଜଣାନାହିଁ। ନିଜର ପୂରା ଠିକଣା ମଧ୍ୟ ସେ କହିପାରିବ ନାହିଁ। ଏପରିକି କେଉଁ ପଣ୍ଡା ଘରକୁ ଯିବାକୁ ହେବ ତାକୁ ଜଣାନାହିଁ। ବିଶ୍ୱାସର ଦୁଶ୍ଚିନ୍ତା ଆହୁରି ବଢ଼ିଗଲା।

ଯେଉଁଠାରେ କୌଣସି ସ୍ତ୍ରୀଲୋକକୁ ନୀଳ ଶାଢ଼ି ପିନ୍ଧି ଯାଉଥିବାର ଦେଖୁଥିଲା, ସେ ତାକୁ ନିରୀକ୍ଷଣ କରୁଥିଲା। କିନ୍ତୁ ସେ ସ୍ତ୍ରୀଲୋକଟି ଅଧିକ ମୋଟୀ ଅବା ଡେଙ୍ଗୀ ଅଥବା ଉଚ୍ଚସ୍ୱରରେ କଥା ହେଉଥିବା ମଙ୍ଗଳାର ବଡ଼ପାଟି ସେ କେବେ ଶୁଣି ନାହିଁ। ମଙ୍ଗଳା ସବୁବେଳେ କାମରେ ବ୍ୟସ୍ତ ରହିଥାଏ। ସମସ୍ତଙ୍କୁ ମନ ପସନ୍ଦର ଖାଦ୍ୟ ରାନ୍ଧି ଖୁଆଏ। କାହାର କିଛି ଜିନିଷ ନ ମିଳିଲେ ସେ ତାକୁ ଖୋଜି ଆଣେ। କିଏ ତାକୁ ଗାଳିମନ୍ଦ କଲେ ସେ ଚୁପ୍‌ଚାପ୍ ଶୁଣିଥାଏ। ସବୁ ସମୟରେ ସେ ସମସ୍ତଙ୍କଠାରୁ ନିଜକୁ ତଳେ ରଖିଥାଏ- ପ୍ରଥମେ ଶାଶୁ-ଶ୍ୱଶୁରଙ୍କଠାରୁ, ପରେ ସ୍ୱାମୀଙ୍କଠାରୁ ଓ ବର୍ତ୍ତମାନ ପୁଅ-ବୋହୂଙ୍କ ପାଖରୁ।

ବିଶ୍ୱାସର ମନେପଡୁ ନ ଥିଲା ଯେ ମଙ୍ଗଳା କୌଣସି ଦିନ କିଛି କାମ ନିଜ ଇଚ୍ଛାରେ କରିଛି ଅବା କାହା କଥାର ବିରୋଧ କରିଛି। ସେ ବହୁତ କମ୍ କଥା କୁହେ। କଥା କହିଲାବେଳେ ମଧ୍ୟ ତା'ର ଆଖି ତଳକୁ ଥାଏ। ମୁଖମଣ୍ଡଳ ଏକବାରେ ଭାବଶୂନ୍ୟ। ବଡ଼ ହେଲାପରେ ବିଶ୍ୱାସ ଭାବୁଥିଲା ମା' ପାଖରେ ବ୍ୟକ୍ତିତ୍ୱ ବୋଲି କୌଣସି ଜିନିଷ ନାହିଁ। ସେ ସବୁବେଳେ ଏମିତି ହିଁ ରହିବ। କ'ଣ କରିବା ଉଚିତ, କେମିତି କଲେ ଠିକ୍ ହେବ- ଏମିତି ବତାଇବା ପାଇଁ ଲୋକ ନ ଥିଲେ ମା'ର କ'ଣ ହେବ? ନିଜ ପତ୍ନୀ ବିଷୟରେ ଗର୍ବର ସହିତ ଚିନ୍ତା କରି ସେ ଖୁସି ହେଉଥିଲା।

ପିଲାବେଳୁ ସେ ମା'କୁ ଗାଳିଦେଇ ଆସୁଥିଲା। ଏପରି କାର୍ଯ୍ୟ ତାକୁ କେବେହେଲେ ଅନୁଚିତ ବୋଲି ମନେ ହୋଇ ନ ଥିଲା। ଆଜି ଏହି ଅଜଣା ସହରର ନଦୀ-ଘାଟରେ, ଏପରି ଜନଗହଳି ମଧ୍ୟରେ ମା'କୁ ଖୋଜିଲାବେଳେ ମଧ୍ୟ ତା' ମନରେ ଗୋଟିଏ ମାତ୍ର କଥା ଥିଲା- ''ମା' ମିଳିଗଲେ ତାକୁ ଉତ୍ତମ-ମଧ୍ୟମ ଗାଳି ଦେବି। ମା'କୁ ଟିକିଏ ବି ଚିନ୍ତା ନାହିଁ, ସମୟ ଅସମୟର ତ ଜମାରୁ ଜ୍ଞାନ ନାହିଁ, ପାଣିରେ ଦୁଇଥର ବୁଡ଼ୁକି ଲଗାଇ ବାହାରକୁ ଆସିଲା ପରେ ମଣିଷକୁ ଏତିକି ଶିଡ଼ି ଚଢ଼ି ଆସିବା ପାଇଁ କେତେ ସମୟ ଲାଗିବ?''

ସେ ହୁଏତ ବ୍ରାହ୍ମଣ ପାଖରେ ପୂଜା କରୁଥିବ। ଏତିକି ସମୟରେ ତ ସତର ପିଢ଼ିର ଉଦ୍ଧାର ହୋଇଯିବ... ସେ... ସେ... ସେଇଠି। ଜଣେ ବ୍ରାହ୍ମଣର ରଙ୍ଗିନ ଛତା ପାଖରେ ଦୁଇଜଣ ସ୍ତ୍ରୀଲୋକ ପରସ୍ପର କାନ୍ଧରେ ହାତ ପକାଇ ବହୁତ ଖୁସି ମନରେ କଥା ହେଉଥିଲେ। ବିଶ୍ୱାସର ପାଦ କିଛି ସମୟ ପାଇଁ ଅଟକିଗଲା। ଇଏ ମଙ୍ଗଳା ହୋଇପାରିବ ନାହିଁ... ମାତ୍ର ସେ ମଙ୍ଗଳା ହିଁ ଥିଲା।

ରାଗ ଗରଗର ହୋଇ ବିଶ୍ୱାସ ସେ ଦିଗରେ ପାଦ ବଢ଼ାଇଲା। ରାସ୍ତାରେ ଗଲାବେଳେ କାହା ସହିତ ଧକ୍କା ହେଲା, କିଏ ପଡ଼ିଲା, ତାକୁ କିଏ ଗାଳିଦେଲା ସେସବୁକୁ ସେ ଜମାରୁ ଖାତିର କଲା ନାହିଁ। ମଙ୍ଗଳାର ଏକବାରେ ପାଖକୁ ଯାଇ ସେ କହିଲା- 'ମା'। ମାତ୍ର ଦୁଇଜଣଙ୍କ ମଧ୍ୟରୁ କେହି ଜଣେହେଲେ ତା' ଆଡ଼କୁ ଚାହିଁଲେ ନାହିଁ। ଦୁଇଜଣ କଥାବାର୍ତ୍ତାରେ ଏପରି ନିମଗ୍ନ ଥିଲେ ସତେଯେପରି ଧ୍ୟାନ ସମାଧିରେ ବସିଛନ୍ତି। ଖରାରେ ସେମାନଙ୍କର ଖାଲି ପାଦ ପୋଡ଼ିଯାଉ ନ ଥିଲା, ଲୋକମାନଙ୍କ ଗହଳି ପାଇଁ ଦୃଷ୍ଟି ନ ଥିଲା, ମୁଣ୍ଡ ଉପରେ ଅଗ୍ନିବର୍ଷା କରୁଥିବା ସୂର୍ଯ୍ୟର ରୌଦ୍ରତାପ ମଧ୍ୟ ନ ଥିଲା, ମରଣଶୀଳ ଜୀବନର କ୍ଷଣିକତାରେ ପରିପୂର୍ଣ୍ଣ ମଣିକର୍ଣ୍ଣିକା ଘାଟର ଶୋକାତୁର ବାତାବରଣ ମଧ୍ୟ ସେଠାରେ ନ ଥିଲା।

ଅନ୍ୟ ସ୍ତ୍ରୀଲୋକ ଜଣକ ତାଳିମାରି କହିଲା- 'ମନେଅଛିନା, ସେହି ନାଟକରେ ତୁ ରାଜା ହୋଇଥିଲୁ ଓ ମୁଁ ଯଶୋଦା ହୋଇଥିଲି ଏବଂ ନିଜର ସଂଳାପ ଉଚ୍ଚାରଣ କରିବାକୁ ଭୁଲି ଯାଇଥିଲି।'

'ନାମଦାର... ଜାହାଁପନା... ନାମଦାର' କାହା କଥାକୁ ଅନୁକରଣ କରି ହସିହସି ବେଦମ୍ ହୋଇ ଯାଉଥିବା ସ୍ତ୍ରୀଲୋକଟି କ'ଣ ତା'ର ମା' ମଙ୍ଗଳା ଥିଲା? ବିଶ୍ୱାସ ଆଶ୍ଚର୍ଯ୍ୟ ହୋଇ ମା'କୁ ଦେଖୁଥିଲା।

'ଆରେ ଶାନ୍ତି, ତୋର ମନେଅଛିନା ଦୀପାବଳି ଦିନ ବାଣ ଫୁଟାଇବା ସମୟରେ...'

'ଛାଡ଼ ସେ ସବୁ କଥା, ରହିଯା...'

କଥାବାର୍ତ୍ତାର କୌଣସି ଅନ୍ତ ନ ଥିଲା। ଦୁଇଜଣ କିଶୋରୀଙ୍କର ସ୍ନେହପୂର୍ଣ୍ଣ, ପ୍ରେମମୟ ବନ୍ଧୁତା ଅନେକ ବର୍ଷ ଅନ୍ତରାଳରେ ପୁନଃ ଜୀବିତ ହୋଇ ଉଠିଥିଲା। ଅଧା ବୟସର ଦୁଇଜଣ ସ୍ତ୍ରୀଲୋକଙ୍କ ମୁଖମଣ୍ଡଳରେ ସେହି କୋମଳ ଆନନ୍ଦର ସୀମାହୀନ ଅନୁସନ୍ଧିତ୍ସା ଶୋଭା ପାଉଥିଲା। ସ୍ତବ୍ଧ ହୋଇ ବିଶ୍ୱାସ ସେସବୁ କଥା ଶୁଣୁଥିଲା।

ବହୁ ସମୟ ପରେ ମଙ୍ଗଳାର ଦୃଷ୍ଟି ତା' ଉପରେ ପଡ଼ିଲା। ସାଙ୍ଗେ ସାଙ୍ଗେ ତା' ମୁଖମଣ୍ଡଳ ଫିକା ପଡ଼ିଗଲା ଓ ବ୍ୟସ୍ତ ହୋଇ ସେ କହିଲ- 'କେବେଠାରୁ ଆସି ଛିଡ଼ା ହୋଇଛୁ?'

'ବାସ୍ ଏଇ ଆସିଲି...' ବିଶ୍ୱାସ ଆସ୍ତେ କରି କହିଲା।

'ମୋର ଶାନ୍ତି ସହ ଦେଖା ହୋଇଗଲା ତ, ତୋ' ବାପା କୁଆଡ଼େ ଗଲେ?'

'ସେ ଆମ ରହିବା ଜାଗାକୁ ଯାଇଛନ୍ତି, ଆସ ଆମେ ଯିବା।'

'ହଁ, ଚାଲ' ମୁଖମଣ୍ଡଳରେ ଅପରାଧର ଭାବ ନେଇ ମଙ୍ଗଳା ନିଜ ଲୁଗା ଗଣ୍ଠିଲିକୁ ଉଠାଇବାକୁ ଗଲା।

'ତୁ ଛାଡ଼ିଦେ ମା'- ଏହା କହି ବିଶ୍ୱାସ ସେ ଲୁଗା ଗଣ୍ଠିଲିକୁ ଉଠାଇନେଲା ଓ ଅଚିହ୍ନା ସ୍ତ୍ରୀଲୋକ ଜଣଙ୍କୁ କହିଲା- 'ଦିଅ, ମୁଁ ତୁମ ଗଣ୍ଠିଲି ମଧ୍ୟ ଧରିନେବି।'

'ନେ ଧର, ଦୀର୍ଘାୟୁ ହୁଅ। ତୁ ମାଉସୀକୁ କେମିତି ଚିହ୍ନିବୁ? ମୁଁ ଆଉ ତୋର ମା' ପିଲାଦିନେ ଏକାଠି ଖେଳିଥିଲୁ।'

''ଖେଳିଥିଲେ... ମୋ' ମା' କ'ଣ କେବେ ଖେଳୁଥିଲା? ଦିନେ କ'ଣ ସିଏ ଏକ ସାନ ଝିଅ ଥିଲା?'' ବିଶ୍ୱାସ ମନରେ ଏପରି କେତେ ଭାବନା ଇନ୍ଦ୍ରଧନୁ ପରି ଖେଳି ଯାଉଥିଲା। ଉତ୍ସାହବଶତଃ ସେ ମା'କୁ କିଛି କହିବାକୁ ଚାହୁଁଥିଲା, ମାତ୍ର ସେ ଦୁଇଜଣ ପୁଣିଥରେ ଗପସପରେ ମାତି ଯାଇଥିଲେ।

'ଇଏ ତୋ' ପୁଅ? ତା' ନାଁ କ'ଣ?'

'ବିଶ୍ୱାସ'

'ବଢ଼ିଆ ନାଁ, ପୁଅ ମଧ୍ୟ ଭାରି ଭଲ। କିଛି ସମୟ ପାଇଁ ସମସ୍ତେ ଚାଲିବାରେ ଲାଗିଗଲେ।'

ହଠାତ୍ ଶାନ୍ତି କହିଲା- 'ମାତ୍ର ଏହାର ଚେହେରା ତ ବିନାୟକ ପରି ଜମାରୁ ଦେଖାଯାଉନି?'

ବିଶ୍ୱାସ ମଙ୍ଗଳା ଆଡ଼କୁ ଚାହିଁଲା। ତା' ମୁହଁର ରଙ୍ଗ କଳା ପଡ଼ିଯାଇଥିଲା। ବଡ଼ କଷ୍ଟରେ ଭଗ୍ନ-ସ୍ୱରରେ ସେ କହିଲା- 'ଶାନ୍ତି ପରେ ମୋ' ବିବାହ ତ ଅନ୍ୟ ସ୍ଥାନରେ ହୋଇଥିଲା।'

ସମସ୍ତେ ଚୁପ୍ ହୋଇଗଲେ। ସମସ୍ତଙ୍କ ମନ ବିଚଳିତ ଥିଲା। ଜଣାଯାଉଥିଲା ସତେ ଯେପରି ସାନପିଲାଟିର ହାତରେ ଥିବା ସାବୁନ ଫେଣର ରଙ୍ଗିନ ଫୋଟକାଟି ଫାଟିଗଲା। ନଦୀଘାଟରେ ଥିବା ପାହାଚ ଅନ୍ତହୀନ ମନେହେଉଥିଲା। ମୁଣ୍ଡ ଉପରେ ସୂର୍ଯ୍ୟଙ୍କର ଉତ୍ତାପ ଅସହ୍ୟ ଥିଲା।

ଉପରକୁ ଯାଇ ମଙ୍ଗଳା କହିଲା- 'ପୁଅ, ମାଉସୀଙ୍କୁ ବାପାଙ୍କ ନାଁ କହିଦେ।' ନାମ ଓ ଠିକଣା ନେଇ ଦୁଇ ବାନ୍ଧବୀ ପରସ୍ପରଠାରୁ ଖୁସି ମନରେ ବିଦାୟ ନେଲେ। ମାତ୍ର ସେମାନଙ୍କର ମିଳନ ଘାଟର ପାହାଚ ଉପରେ ପୂର୍ଣ୍ଣ ହୋଇ ଯାଇଥିଲା।

**ମନବୀଣା, ପାଣ୍ଡବନଗର, ବ୍ରିଟ୍ କଲୋନୀ,**
**ଭୁବନେଶ୍ୱର-୧୮**
**ମୋ: ୯୪୩୮୩୬୧୧୯୬**



# ପୁସ୍ତକ ପରିଚୟ

## ମୋ' କାହାଣୀ (My Story)

**ମୂଳ ରଚନା:** କମଳା ଦାସ
**ଓଡ଼ିଆ ରୂପାନ୍ତର:** ଚିନ୍ତାମଣି କର
**ପ୍ରକାଶକ:** ଏ.କେ. ମିଶ୍ର, କଟକ-୯
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୨୭୫/-




କମଳା ଦାସଙ୍କ ଆତ୍ମଜୀବନୀ 'My Story' ଇଂଲିଶ୍‌ରେ ଅନୂଦିତ ହୋଇଥିଲା ୧୯୮୮ରେ ଓ ଏହାର ୧୫ବର୍ଷ ପୂର୍ବରୁ ମାଲାୟାଲମ ଭାଷାରେ ଏହା ପ୍ରଥମେ ପ୍ରକାଶ ଲାଭ କରିଥିଲା। ଅନୁବାଦକ ଚିନ୍ତାମଣି କର ଇଂଲିଶ୍‌ରୁ ହିଁ ଓଡ଼ିଆ କରିଛନ୍ତି ବହିଟିକୁ, ଯାହାର ଶୀର୍ଷକ 'ମୋ କାହାଣୀ'। ପୁସ୍ତକର ଆରମ୍ଭରେ ଚିନ୍ତାମଣି ଲେଖିଛନ୍ତି, ''କମଳା ଦାସ ତାଙ୍କ ଆତ୍ମଜୀବନୀରେ ଏମିତି କିଛି ଚରିତ୍ରଙ୍କୁ ଆଗକୁ ଆଣିଛନ୍ତି, ଯାହା ସେ ତାଙ୍କ ଗଳ୍ପ ମାଧ୍ୟମରେ ଆଗରୁ ପ୍ରକାଶ କରିଛନ୍ତି। x x ଚମତ୍କାର ବର୍ଣ୍ଣନାଶୈଳୀ ଏବଂ ଆବେଗିକ ଚିନ୍ତନକୁ ନେଇ ରଙ୍ଗିନ କରି ଦେଇଛନ୍ତି ଚରିତ୍ରଗୁଡ଼ିକୁ। ଯୁବାବସ୍ଥା ପାରିହେବା ପରେ ସେ ଏଇ ଆତ୍ମଜୀବନୀର ପରିକଳ୍ପନା କରିଛନ୍ତି। ଜଣେ ମଧ୍ୟବୟସ୍କା ନାରୀର ମାନସିକ ଦ୍ୱନ୍ଦ୍ୱ, କର୍ତ୍ତବ୍ୟ, ଆଚରଣ ଓ ବ୍ୟକ୍ତିତ୍ୱ ଖୁବ୍ ସୁନ୍ଦର ଭାବେ ପ୍ରତିଫଳିତ ହୋଇଛି ତାଙ୍କ ଆତ୍ମଜୀବନୀରେ।'' 'ମୋ କାହାଣୀ' ଆରମ୍ଭ ହୋଇଛି କଲିକତାରେ ଥିବାବେଳେ କମଳାଙ୍କ ପାରିବାରିକ ଘଟଣାର ବର୍ଣ୍ଣନାରୁ ଏବଂ ସରିଛି ନିଜ ମୃତ୍ୟୁ ପରବର୍ତ୍ତୀ ଏକ ଆବେଗିକ ଅନୁଭବର ବୟାନରେ। ଶେଷ ପଂକ୍ତିଟି ପାଠକ ପ୍ରାଣରେ ଯେଉଁ କାରୁଣ୍ୟର ଛାପ ଛାଡ଼ିଯାଏ, ତାହା ଅନେକ ଦିନଯାଏ ଅପାସୋର ରହେ। ଯଥା: ''ମୋତେ କେମିତି ଲାଗୁଛି, ମୁଁ କିଛିଦିନ ଭିତରେ ଆରପାରିକୁ ଚାଲିଯିବି। ବାହାଘର ବେଳେ ଯେଉଁ ଅଳଙ୍କାର ମୁଁ ପିନ୍ଧିଥିଲି, ଏବେ ମଧ୍ୟ ସେ ସବୁ ମୋ' ଶରୀରରେ ସେମିତି ଅଛି। ସେମିତି ବି ସେସବୁ ରହିଥିବେ। ଯେଉଁ ବହିଗୁଡ଼ିକ ମୋ' ଆଲମିରାରେ ସଜ୍ଜିତ ହୋଇ ରହିଛି, ଯେଉଁ ପିତ୍ତଳ ମୂର୍ତ୍ତି ମୋ' ଠାକୁରଘରେ ଅଛି– ସେସବୁ ସେଇମିତି ରହିଥିବ ; କିନ୍ତୁ ମୁଁ ନ ଥିବି'' ଇତ୍ୟାଦି। ବହୁ ଭାଷାରେ ଅନୂଦିତ ହୋଇ ବହିଟି ଯେପରି ନିଜର ଗରିମା ବଜାୟ ରଖିଛି, ଚିନ୍ତାମଣିଙ୍କର ଏ ଓଡ଼ିଆ ଅନୁବାଦରେ ମଧ୍ୟ ସେହିପରି ବଜାୟ ରଖିବ ବୋଲି ଆଶା।

## ଶ୍ରେଷ୍ଠ ଗଳ୍ପ

**ଗାଳ୍ପିକ:** ସଦାନନ୍ଦ ତ୍ରିପାଠୀ
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୨୪୫/-




ମୋଟ ୨୨ଟି ଗଳ୍ପକୁ ନେଇ ପ୍ରକାଶିତ ସଦାନନ୍ଦଙ୍କର ଏ 'ଶ୍ରେଷ୍ଠ ଗଳ୍ପ' ପୁସ୍ତକ, ଯହିଁରେ ତାଙ୍କର ବହୁଚର୍ଚ୍ଚିତ ଓ ପଠିତ ଗଳ୍ପଗୁଡ଼ିକ ସ୍ଥାନିତ। ସଦାନନ୍ଦ ଓଡ଼ିଆ ଗଳ୍ପର ୧୯୮୦ ପରବର୍ତ୍ତୀ ପିଢ଼ିର ଜଣେ ଉଲ୍ଲେଖନୀୟ ଗାଳ୍ପିକ, ଯାହାଙ୍କ ଗଳ୍ପରେ ଚରିତ୍ର ଚୟନ ଓ ବୟନ-ଶୃଙ୍ଖଳା ସ୍ୱତନ୍ତ୍ର ତଥା ନବନିର୍ମିତ। 'ଅନ୍ଧାରରେ ଦିନେ', 'ଅର୍ଦ୍ଧାଙ୍ଗିନୀ', 'ଗଛତଳେ ଗୁରୁଣ୍ଡୁଥିବା ଜୀବନ', 'ଚେର', 'ଭାରତୀ ଯାଦବର ଓଠ', 'ମା', 'ରଙ୍ଗନାଥ ଘଡ଼େଇ', 'ସତୀ', 'ସୁନ୍ଦରୀ', 'ହାସିଆ' ଓ 'ଲୁହ' ପ୍ରଭୃତି ଗଳ୍ପଗୁଡ଼ିକ ପାଠକଲେ ଗାଳ୍ପିକଙ୍କ ଚରିତ୍ର ଓ ଘଟଣା-ବିଜଡ଼ନ ଚାରିତ୍ରିକତାକୁ ଚିହ୍ନିହୁଏ। ଗଳ୍ପଗୁଡ଼ିକର ଭାଷା ବରାବର ଘଟଣା ଓ ଚରିତ୍ର ନିର୍ଭର ହୋଇଥିବାରୁ ଏଥିରେ କୃତ୍ରିମତା କ୍ୱଚିତ୍ ଥାଏ। 'ଏବେ ଦିନେ ଅମ୍ବରୀ' ଗଳ୍ପରେ ଅମ୍ବରୀର ଶାରୀରିକ ଅଙ୍ଗସୌଷ୍ଠବର ବର୍ଣ୍ଣନା ଦେଇ ଲେଖକ କହିଛନ୍ତି: ''...ଝିଅଟି ବି ହେଇଥିଲା ସେହିପରି। ତାହାରି ପରି ଈଷତ୍ ଲମ୍ବା ମୁହଁ, ମୁଣ୍ଡରେ ଗୋଛାଏ ଘନକୃଷ୍ଣ କେଶ, ଆଜାନୁଲମ୍ବିତ। ପ୍ରାଣ ଶୋଷିନେଲା ପରି ଆଖି।'' ବହିଟିର ଗଳ୍ପଗୁଡ଼ିକ ଲେଖକଙ୍କ ସମକାଳର ପ୍ରତ୍ୟେକଟି ସ୍ପନ୍ଦନକୁ ଏତେ ନିବିଡ଼ ଭାବରେ ଧରି ରଖେ ଯେ, ପାଠକ ପଢୁପଢୁ ଗଳ୍ପ ଭିତରେ ବୁଡ଼ିଯାଏ। ପଢ଼ି ସାରିଥିବା ଗଳ୍ପଗୁଡ଼ିକୁ ପାଠକେ ଏ ବହିଟିରୁ ଆଉଥରେ ପାଇ ନୂଆ ମନ ନେଇ ପଢ଼ି ବସିବେ ବୋଲି ଆଶା।

## ଟୁଇଲାଇଟ୍ ମେମୋରିଜ୍

**ଲେଖିକା:** ନିର୍ମଳପ୍ରଭା ନାୟକ
**ଅନୁବାଦ:** ପ୍ର. ପ୍ରଫୁଲ୍ଲ କୁମାର ମହାନ୍ତି
**ପ୍ରକାଶକ:** ଅଥର୍ସ ପ୍ରେସ୍, ନୂଆଦିଲ୍ଲୀ
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ. ୩୯୫/-




''Twilight Memories'' ନିର୍ଭଳପ୍ରଭାଙ୍କ ଲିଖିତ ଓଡ଼ିଆ ଆତ୍ମଜୀବନୀ 'ସାୟାହ୍ନର ସ୍ମୃତି'ର ଅନୁବାଦ। ମୂଳଗ୍ରନ୍ଥ ମଲାଟଲେଖରେ କୁହାଯାଇଛି: ''ନିର୍ମଳପ୍ରଭାଙ୍କ 'ସାୟାହ୍ନର ସ୍ମୃତି' ହେଉଛି ପ୍ରେମ ଓ କରୁଣାରେ ଗଢ଼ା ଏକ ଅତୁଲ୍ୟ ସାରସ୍ୱତ କୀର୍ତ୍ତି। ଏକାଧିକ କାରଣରୁ ଏ ଜୀବନସ୍ମୃତି ଓଡ଼ିଆ ସାହିତ୍ୟର ଇତିହାସରେ ଏକ ଉଲ୍ଲେଖନୀୟ ସଂଯୋଜନ। ପୂର୍ବରୁ ଆମ ସାହିତ୍ୟରେ ବହୁ ଜୀବନୀ, ଆତ୍ମଜୀବନୀ ଓ ଚରିତାଲେଖ୍ୟ ପ୍ରକାଶିତ ହୋଇଛି ; ମାତ୍ର ନିର୍ମଳପ୍ରଭାଙ୍କ 'ସାୟାହ୍ନର ସ୍ମୃତି' ଏ ସମସ୍ତଙ୍କଠାରୁ ଅଲଗା।'' ଏହି ଅଲଗାପଣଟି ହେଉଛି ଯେ, ନିର୍ମଳପ୍ରଭା ନିଜ ଆତ୍ମଜୀବନୀ ଲେଖିବା ବାହାନାରେ ନିଜ ସ୍ୱାମୀ ପ୍ରଖ୍ୟାତ ଜନସେବୀ 'ପାଟକୁରା ଗାନ୍ଧୀ' ରାଜକିଶୋର ନାୟକଙ୍କ ଜୀବନକୁ ମଧ୍ୟ ଲିପିବଦ୍ଧ କରିଯାଇଛନ୍ତି। ଠାଏ ଲେଖିଛନ୍ତି: ''ତୁମର ଲକ୍ଷ୍ୟ ଥିଲା ପଣ୍ଡିଚେରୀ ଆଶ୍ରମରେ ସନ୍ନ୍ୟାସୀ ଭାବରେ 'ନବଜ୍ୟୋତି' ପତ୍ରିକା ପ୍ରକାଶନ ଦାୟିତ୍ୱରେ ରହି ଓଡ଼ିଶାରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ବାର୍ତ୍ତାର ପ୍ରଚାର ପ୍ରସାର କରିବା। ତୁମ ପାଖକୁ ପଣ୍ଡିଚେରୀ ଆଶ୍ରମରୁ ପ୍ରପତ୍ତି ରାମକୃଷ୍ଣ ଦାସ ଓ ଅନ୍ୟ ଜଣେ ନିୟମିତ ଚିଠି ଲେଖୁଥିଲେ, ଯେଉଁ ଚିଠି ଆଜି ପର୍ଯ୍ୟନ୍ତ ରହିଛି। x x ମାତ୍ର ନିୟତିର ଇଚ୍ଛା ଅଲଗା। ତୁମ ମାଆଙ୍କ ପାଇଁ ତୁମେ ଗୃହସ୍ଥ ସାଜିଲ। x x ଏହି ସଂସାରରେ କୌଣସି ଲୋକର କର୍ତ୍ତୃତ୍ୱ ନାହିଁ, ଯେ ନିଜ ଇଚ୍ଛାରେ ନିଜକୁ ନିୟନ୍ତ୍ରିତ କରିବ।'' ଏହିପରି ବହିଟି ସାରା କଥାକୁହା ଭାଷାରେ ନିଜର ଓ ନିଜ ପରିବାରର ସୁଖଦୁଃଖ ବଖାଣି ଚାଲିଛନ୍ତି ଲେଖିକା ଏବଂ ଏହାର ଅତି ବିଶ୍ୱସନୀୟ ଅନୁବାଦ କରିଛନ୍ତି ପ୍ରଫେସର ମହାନ୍ତି। ମୂଳ ଗ୍ରନ୍ଥପରି ଇଂଲିଶ୍ ଅନୁବାଦଟି ଲୋକପ୍ରିୟ ହେବ ବୋଲି ଆଶା।

## ସମୟର ସାତରଙ୍ଗ

**କବି:** ରଞ୍ଜନ କୁମାର ଦାସ
**ପ୍ରକାଶକ:** ପେନ୍ ଇନ୍ ବୁକ୍ସ, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୯୯/-




ମୋଟ ୪୬ଟି କବିତା ଗ୍ରନ୍ଥରେ ସ୍ଥାନିତ ଓ ପ୍ରତ୍ୟେକଟି କବିତା କବିଙ୍କର ଉପଲବ୍ଧିଧନ୍ୟ। ପ୍ରତ୍ୟେକଟି କବିତାରେ ରୂପ ଘେନିଛି କବିଙ୍କ ଜୀବନାନୁଭୂତିର ଗଭୀର ଅନ୍ତଃସ୍ରୋତ। ପ୍ରେମ, ପରିତାପ, ଦୁଃଖ, ଦହନ ଯାହା କିଛି ଜୀବନରେ ଅମୂଲ୍ୟ ବିଭବ, ତାକୁ ସେ ଗୁଞ୍ଜମାଳି ପରି ଗୁନ୍ଥି ଧରିଛନ୍ତି ଶବ୍ଦର ନାନା କୁହୁକିତ ବଳୟରେ। 'ଝିଅ ପାଇଁ ନାନାବାୟା', 'କିଏ ଜାଣିଥିଲା', 'ସିଓଲର ସକାଳ', 'ନ ଥିଲେ ବି ଲାଗେ ଅଛ', 'ଏ ଜନ୍ମରେ ନୁହେଁ', 'ଦାମ୍ପତ୍ୟ', 'ଥିବା କି ନ ଥିବା କାଲି', 'କେଡ଼େ ଏକୁଟିଆ', 'ମୃତ୍ୟୁ ଖବର', 'ଇତି ଅପା', 'ଆସନ୍ତା ଜନ୍ମ' ଓ 'ଯବନିକା' ଭଳି କବିତା ପଢ଼ିଲେ ପାଠକର ମନ ଅଠାକାଠିରେ ଚଢ଼େଇର ଗୋଡ଼ ଲାଖିଗଲା ପରି ଲାଖିଯାଏ। 'ଝିଅ ପାଇଁ ନାନାବାୟା'ରେ କବି ଲେଖନ୍ତି: ''ଏ ଆକାଶ ଅନ୍ଧାର ହେଇଯାଉ ପଛେ/ ତାରା ହେଇ ଆକାଶରେ ଦିକିଦିକି କରୁଥିବା/ ସବୁ ମାଆମାନଙ୍କୁ ପୁଣି ଫେରେଇ ଦିଅ ଏ ପୃଥିବୀକୁ!/ ଅଥବା ସବୁ ମାଆମାନଙ୍କୁ କରିଦିଅ ଅମର!/ କୋଉ ଛୁଆଙ୍କୁ କେବେ କାନ୍ଦିବାକୁ ନ ପଡୁ/ ନିଜ ମାଆକୁ ଖୋଜିଖୋଜି।'' (ପୃ:୧୪)। 'ଯବନିକା' କବିତାରେ ପୁଣି ଲେଖନ୍ତି: ''ତମ ଆଖିରେ/ ବୁନ୍ଦାଏ ଲୁହ ହୋଇ ରହିଗଲି ଖାଲି!/ ତମ ଅନ୍ତଃକୋଣରେ/ ବିନ୍ଦୁଏ ରକ୍ତ ହୋଇ ପାରିଲିନି!'' (ପୃ:୧୨୦)। ଦୁଇଟିଯାକ ଉଦ୍ଧୃତିରେ ଯେଉଁ ଅକୁହା ଅନୁଭବର ଗପ, ତାହା ପଢ଼ା ସରିବା ପରେ ବି ଗୁଣୁଗୁଣେଉଥାଏ ପାଠକର ମନରେ। ଅନ୍ୟ ବହି ପରି ରଂଜନଙ୍କର ଏ ବହିଟି ପାଠିକାପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା।

## ଖରା ଛାଇର ଖେଳ

**ଲେଖିକା:** ଅନସୂୟା ପଣ୍ଡା
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର-୧୨
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୨୦/-




ମୋଟ ୨୩ଟି ଗଳ୍ପ ବହିଟିରେ କଳେବର ଘେନିଛି। ବହିରେ ଥିବା 'ଆଭିଜାତ୍ୟର ଓଢ଼ଣୀ', 'ବର୍ଷା ହେଲେ...', 'ତା ନିଜ ଘର', 'ସେ ପୁରୁଣା ଚିଠି', 'ଜୋୟାର ସେହଜାଦା', 'ଏବେ ବି ତା' ପ୍ରେମରେ', 'ତଥାପି ସେ ମନେପଡ଼ନ୍ତି', 'ପଟେ ମୋତିର ପାଉଁଜି', 'ଅକୁହା ପାଚେରୀ', 'ପାପ ନୁହେଁ ପବିତ୍ର' ଓ 'ରୂପ' ଆଦି ଗଳ୍ପଗୁଡ଼ିକୁ ପଢ଼ିଲେ ଲେଖିକାଙ୍କର ଗଳ୍ପର ଶରୀର ଓ ଆତ୍ମା– ଉଭୟକୁ ଚିହ୍ନିହୁଏ। ତହିଁରେ ଥିବା ମନସ୍ତତ୍ତ୍ୱ ଓ ଜୀବନଦୃଷ୍ଟିରେ ମଧ୍ୟ ବିହ୍ୱଳିତ ହେବାକୁ ହୁଏ। ପ୍ରେମ, ବିରହ, ଜୀବନ, ମୃତ୍ୟୁ, ହର୍ଷ ଓ ବିଷାଦରେ ଧରା ଦେଉଥିବା ମଣିଷର ଅଳୀକ ଜୀବନକୁ ନେଇ ବହିର ଗଳ୍ପଗୁଡ଼ିକ ଗତିଶୀଳ। ପ୍ରତ୍ୟେକ ଗଳ୍ପରେ ଏକ ଏକ ଉଦ୍ଦେଶ୍ୟ ପ୍ରୋତ୍ଥିତ ହୋଇ ରହିଛି, ଯାହା ନ ଥିଲେ ଗଳ୍ପଗୁଡ଼ିକ କ୍ଷୀଣାୟୁ ହେବାକୁ ବାଧ୍ୟ ହୋଇଥାଆନ୍ତେ। ଜୀବନର ଛୋଟଛୋଟ ବ୍ୟଥା ଓ ତହିଁର ଉପଶମ ଅନ୍ୱେଷୀ ମଣିଷ କେବେ ଜୀବନର ସାର୍ଥକତାକୁ ଉପଲବ୍ଧି କରେ ତ କେବେ ତା'ର ସ୍ୱପ୍ନ ସ୍ୱପ୍ନରେ ହିଁ ସୀମିତ ରହିଯାଏ। ସବୁ ସତ୍ତ୍ୱେ ଜୀବନ ଯେ ନିରର୍ଥକ ନୁହେଁ– ଏହି ବାର୍ତ୍ତାଟି ଅନସୂୟାଙ୍କର ପ୍ରାୟ ଗଳ୍ପରେ ଉଜାଗର ରହିଥାଏ। ଆଶା, ବହିଟି ପାଠିକାପାଠକଙ୍କ ଦ୍ୱାରା ଆଦୃତ ହେବ।

## ମା' ଓ ଶାଶୁ

**ଅଲେଖ ଚନ୍ଦ୍ର ମିଶ୍ର**

**ଅଣୁଗଳ୍ପ**

ଝିଅର ଶାଶୁଘରେ ପହଞ୍ଚି କହିଲେ ମାଆ, ''କ'ଣ ସମୁଦୁଣୀ! ଛ' ମାସ ହେଲାଣି ଝିଅ ଆମ ଘରକୁ ଯାଇନି। କଥା କ'ଣ ? ଭୁଲିଗଲକି ପ୍ରଥମେ ସେ ଆମ ଝିଅ, ତା'ପରେ ତୁମର ବୋହୂ। ଦୁଇପଟର ତା' ଉପରେ ସମାନ ଅଧିକାର। ସେ ବି ଦୁଇ କୁଳକୁ ହିତା ବୋଲି ଦୁହିତା। ତେଣୁ ପ୍ରତି ଛଅ ମାସର ବ୍ୟବଧାନରେ ଯେମିତି ଆମ ଘରେ ନେଇ ଛାଡ଼ିଦେଉଥିବ। ବୁଝିଲ! ଏଥିରେ ଯେମିତି ଟିକେ ବି ହେଳା ନ ହୁଏ। ମନେ ରହିଲା ତ!''



ଘରକୁ ଫେରି ଦେଖିଲେ ତାଙ୍କ ବୋହୂଙ୍କର ଭାଇ ଆସିଛନ୍ତି। ତାଙ୍କୁ ଦେଖି ନମସ୍କାର କରି ବିନମ୍ରତାର ସହିତ କହିଲେ, ''ମାଉସୀ! ତିନି ବର୍ଷ ହେଲାଣି ଭଉଣୀଟି ଆମ ଘରକୁ ଯାଇନି। ତାକୁ ଟିକେ ନେବାକୁ ଆସିଥିଲି। ସପ୍ତାହେ ପରେ ଆଣି ଛାଡ଼ିଦେଇଯିବି।''

ଚିହିଙ୍କି ଉଠିଲେ ଶାଶୁ, ''ଦେଲା ନାରୀ ହେଲା ପାରି। ଝିଅ ଜନମ ପରଘରକୁ। ଝିଅଟିଏ ପାଇଁ ତା'ର ଶାଶୁଘର ହିଁ ସ୍ୱର୍ଗ। ଏକଥା କ'ଣ ବୁଝେଇବା ଦରକାର ? ଘର ପାଇଁ ବୋହୂଟିଏ ଦରକାର ବୋଲି ତ ଆଣିଛୁ। ତୁମର ଯଦି ଦରକାର ଘରେ ରଖିଲନି! ବାହା ଦେଉଥିଲ କାହିଁକି ? ଏକଥା ମନେରଖିଥିବ।''

– ମୋ: ୯୪୩୮୬୭୩୮୯୮